RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -201 ସଂଖ୍ୟା-୨୦୧
ଭୁବନେଶ୍ୱର, ମଙ୍ଗଳବାର ୨୭ ଅକ୍ଟୋବର ୨୦୨୬
Bhubaneswar, TuesdaDy 27 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ବାତ୍ୟାରେ ପରିଣତ ହେଲା 'ଅର୍ଣ୍ଣବ'

ଭୁବନେଶ୍ୱର, ୨୬।୧୦(ନି.ପ୍ର.): ବଙ୍ଗୋପସାଗରର ପୂର୍ବ-କେନ୍ଦ୍ରୀୟ ଏବଂ ଏହାକୁ ଲାଗି ରହିଥିବା ଦକ୍ଷିଣ-ପୂର୍ବ ଅଞ୍ଚଳରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଘନୀଭୂତ ହୋଇ ଆଜି ସକାଳ ସାଢେ ୫ଟାରେ ବାତ୍ୟାରେ ପରିଣତ ହୋଇଛି, ଯାହାର ନାଁ ଅର୍ଣ୍ଣବ । ଆଜି ମଧ୍ୟରାତ୍ର ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ ଏକ 'ଭୀଷଣ ବାତ୍ୟା'ର ରୂପ ନେଇପାରେ। ଆସନ୍ତାକାଲି ଏହା ଅତି ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ଅକ୍ଟୋବର ୨୮ ତାରିଖରେ ଏହା ଆନ୍ଧ୍ର ପ୍ରଦେଶରେ ସ୍ଥଳଭାଗ ଛୁଇଁବ। ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି।

ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ବାତ୍ୟା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଘଣ୍ଟାପ୍ରତି ୬୦ରୁ ୮୦ କିମି ବେଗରେ ପବନ ହେବ। ଝଟକା ପବନର ବେଗ ଘଣ୍ଟା ପ୍ରତି ୯୦ କିମି ପର୍ଯ୍ୟନ୍ତ ରହିବ। ୨୮ ତାରିଖ ପୂର୍ବାହ୍ନରେ ବାପଟଲା-ବିଶାଖାପାଟଣା ମଧ୍ୟରେ ଲ୍ୟାଣ୍ଡଫଲ କରିବ ଅର୍ଣ୍ଣବ। ଏହା ୟାନମ ଓ କାକିନାଡ଼ା ପାର୍ଶ୍ୱ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ଘଣ୍ଟା ପ୍ରତି ୧୧୫ରୁ ୧୨୫ କିମି ରହିବ। ଝଟକା ପବନର ବେଗ ଘଣ୍ଟା ପ୍ରତି ୧୪୦ କିମି ପର୍ଯ୍ୟନ୍ତ ଯାଇପାରେ।

ଶ୍ରୀ ମହାପାତ୍ର କହିଛନ୍ତି ଯେ ୨୭ ତାରିଖ ସନ୍ଧ୍ୟା କିମ୍ବା ରାତିରୁ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୮ ତାରିଖରେ ଅତି ପ୍ରବଳ ଓ କିଛି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୯ ବେଳକୁ ଏହା ଗଭୀର ଅବପାତରେ ପରିଣତ ହୋଇ ଛତିଶଗଡ଼ ଅଭିମୁଖେ ଅଗ୍ରସର ହେବ। ୩୦ ତାରିଖ ସକାଳ ବେଳକୁ ଏହାର ପ୍ରଭାବ କମି ଯାଇଥିବ।ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଆସନ୍ତାକାଲି (ଅକ୍ଟୋବର ୨୭) ସକାଳ ସାଢେ ୮ଟାରୁ ୨୮ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନବରଙ୍ଗପୁର,



ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୨୮ ତାରିଖ ସକାଳ ସାଢେ ୮ଟାରୁ ୨୯ ତାରିଖ ସାଢେ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବାକି ଜିଲ୍ଲାଗୁଡ଼ିକର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୨୯ ତାରିଖ ସକାଳ ସାଢେ ୮ଟାରୁ ୩୦ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ନୂଆପଡ଼ା, ବଲାଙ୍ଗିର, ସୋନପୁର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅନ୍ୟପକ୍ଷରେ ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ମାଇକ୍ରୋ ପ୍ଲାନ୍। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ୩୦ ଜିଲ୍ଲାରେ ବର୍ଷା ହେବ। ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବ। ବାତ୍ୟା ଆନ୍ଧ୍ର ପ୍ରଦେଶରେ ଲ୍ୟାଣ୍ଡଫଲ୍ କଲେ ବି ଓଡ଼ିଶାରେ ଏହାର ପ୍ରଭାବ ରହିବ। ମାଲକାନଗିରି ଅଧିକ ପ୍ରଭାବିତ ହେବ ଆକଳନ କରାଯାଇଛି। ଜିଲ୍ଲାଠାରୁ ନେଇ ରାଜ୍ୟସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କରାଯାଇଛି। ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ କ୍ଷେତ୍ରରେ ପହଞ୍ଚି ଗଲେଣି। ଯେଉଁ ସ୍ଥାନରେ ଯାହା ଆବଶ୍ୟକ ପଦକ୍ଷେପ ନେଇ ପାରିବେ। ଛତିଶଗଡ଼ରେ ବର୍ଷା ହେବ ଅର୍ଥ ଆମ ମହାନଦୀ ଫୁଲିବ। ତେଣୁ ପାଣିକୁ କିପରି ସଠିକ୍ ପରିଚାଳନା କରାଯିବ, ତାକୁ ଗୁରୁତ୍ୱ ଦିଆଯାଉଛି। ବନ୍ୟା ପରିସ୍ଥିତି ନ ଉପୁଜିବା ପାଇଁ ଛତିଶଗଡ଼ ସହ ଆଲୋଚନା ହୋଇଛି।

## ବ୍ରାଜିଲରେ ଲୁଲାଙ୍କ ଐତିହାସିକ ବିଜୟ

### ଚତୁର୍ଥ ଥର ପାଇଁ ହେବେ ରାଷ୍ଟ୍ରପତି, ମୋଦି ଜଣାଇଲେ ଶୁଭେଚ୍ଛା



ନୂଆଦିଲ୍ଲୀ, ୨୬।୧୦: ବ୍ରାଜିଲର ରାଜନୀତିରେ ନୂଆ ଇତିହାସ। ଦକ୍ଷିଣପନ୍ଥୀ ନେତା ଫ୍ଲାଭିଓ ବୋଲସୋନାରୋଙ୍କୁ ପରାସ୍ତ କରି ପୁଣିଥରେ ବାଜି ମାରିଛନ୍ତି ଲୁଇଜ୍ ଇନାସିଓ ଲୁଲା ଦା ସିଲଭା। ଏହି ବିଜୟ ସହ ସେ ଚତୁର୍ଥ ଥର ପାଇଁ ବ୍ରାଜିଲର ରାଷ୍ଟ୍ରପତି ହେବାକୁ ଯାଉଛନ୍ତି ବୋଲି ରିପୋର୍ଟରେ ଦାବି କରାଯାଇଛି। ତାଙ୍କ ବିଜୟ ପରେ ସମର୍ଥକଙ୍କ ମଧ୍ୟରେ ଉତ୍ସବର ମାହୋଲ ଦେଖାଦେଇଛି।

ରିପୋର୍ଟ ଅନୁଯାୟୀ, ଲୁଲା ୫୧.୭୫ ପ୍ରତିଶତ ଭୋଟ୍ ପାଇଥିବା ବେଳେ ଫ୍ଲାଭିଓ ବୋଲସୋନାରୋ ୪୮.୨୫ ପ୍ରତିଶତ ଭୋଟ୍ ପାଇଛନ୍ତି। ଏହି ଫଳାଫଳ ଦକ୍ଷିଣ ଆମେରିକାରେ ଦେଖାଦେଇଥିବା ଦକ୍ଷିଣପନ୍ଥୀ ରାଜନୈତିକ ଲହରକୁ ଚ୍ୟାଲେଞ୍ଜ କରିଛି।

ବିଜୟ ପରେ ଲୁଲା କହିଛନ୍ତି ଯେ, ବ୍ରାଜିଲରେ ଗଣତନ୍ତ୍ରର ସୁରକ୍ଷା ପାଇଁ ମତଦାନ ଅତ୍ୟନ୍ତ ଜରୁରୀ ବୋଲି ସେ ଲୋକଙ୍କୁ ବୁଝାଇବାରେ ସଫଳ ହୋଇଛନ୍ତି। ଦେଶର ସାର୍ବଭୌମତ୍ୱ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ତାଙ୍କ ସରକାରର ପ୍ରମୁଖ ଲକ୍ଷ୍ୟ ହେବ ବୋଲି ସେ ସଙ୍କେତ ଦେଇଛନ୍ତି।

ଅନ୍ୟପଟେ, ଲୁଲାଙ୍କ ବିଜୟ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। 'ଏକ୍ସ'ରେ ମୋଦି ଲେଖିଛନ୍ତି, "ମୋର ପ୍ରିୟ ବନ୍ଧୁ ରାଷ୍ଟ୍ରପତି ଲୁଲାଙ୍କୁ ଏହି ଉଲ୍ଲେଖନୀୟ ବିଜୟ ପାଇଁ ହାର୍ଦ୍ଦିକ ଅଭିନନ୍ଦନ।" ଭାରତ-ବ୍ରାଜିଲ୍ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ମଜବୁତ ଓ ବ୍ୟାପକ କରିବା ସହ ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ସହଯୋଗ ବଢ଼ାଇବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହାସହ ଗ୍ଲୋବାଲ୍ ସାଉଥ୍‌ର ସାମୂହିକ ପ୍ରାଥମିକତାକୁ ଆଗକୁ ନେବା ଦିଗରେ ମିଳିତ ଭାବେ କାମ କରିବାକୁ ସେ ଆଗ୍ରହ ପ୍ରକାଶ କରିଛନ୍ତି।ତେବେ ଲୁଲାଙ୍କ ଆଗାମୀ କାର୍ଯ୍ୟକାଳ ସହଜ ହେବ ନାହିଁ। ଦେଶର ପ୍ରାୟ ଅଧା ଭୋଟର ତାଙ୍କ ବିପକ୍ଷରେ ମତ ଦେଇଥିବାରୁ ରାଜନୈତିକ ବିଭାଜନ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ଏହାସହ ଅର୍ଥନୈତିକ ଅଭିବୃଦ୍ଧିର ମନ୍ଥରତା, ଅପରାଧ ନିୟନ୍ତ୍ରଣ ଓ ଦକ୍ଷିଣପନ୍ଥୀଙ୍କ ପ୍ରଭାବ ଥିବା କଂଗ୍ରେସରେ ସମର୍ଥନ ହାସଲ କରିବା ତାଙ୍କ ପାଇଁ ବଡ଼ ପରୀକ୍ଷା ହେବ।

## ଦକ୍ଷିଣ ଓଡ଼ିଶା ଉପରେ ଫୋକସ୍, ଆବଶ୍ୟକ ପଡ଼ିଲେ ଆସିବ ଏନଡିଆରଏଫ

ଭୁବନେଶ୍ୱର, ୨୬।୧୦(ନି.ପ୍ର.):: ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଜୋରଦାର କରିଛନ୍ତି ରାଜ୍ୟ ସରକାର। ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ନେଇ କେନ୍ଦ୍ର କ୍ୟାବିନେଟ ସଚିବଙ୍କ ସହ ଆଲୋଚନା ପରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଦେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ସୂଚନା। ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ କରାଯାଇଥିବାବେଳେ ବିଶେଷକରି ଦକ୍ଷିଣ ଓଡ଼ିଶା ଉପରେ ଅଧିକ ନଜର ରଖାଯାଇଛି।



ମୁଖ୍ୟ ଶାସନ ସଚିବଙ୍କ ସୂଚନା ଅନୁସାରେ, ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲା ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ଗଞ୍ଜାମ, ଗଜପତି, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲା ଉପରେ ବିଶେଷ ନଜର ରଖାଯାଇଛି। ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନଗୁଡ଼ିକୁ ସତର୍କ ରହିବାକୁ କୁହାଯାଇଛି। ବାତ୍ୟାର ପ୍ରଭାବକୁ ଆକଳନ କରି ଆବଶ୍ୟକ ପଦକ୍ଷେପ ନେବା ସହ ଜରୁରୀ ପରିସ୍ଥିତିରେ ଲୋକଙ୍କୁ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଛି।

ବାତ୍ୟା ମୁକାବିଲା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆରଏଫ)ର ସହାୟତା ନେବାକୁ ମଧ୍ୟ ପ୍ରସ୍ତୁତି ରହିଛି। ଆବଶ୍ୟକ ପଡ଼ିଲେ ଏନଡିଆରଏଫ ଟିମ୍ ଯୋଗାଇଦେବାକୁ କେନ୍ଦ୍ର ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟ ଶାସନ ସଚିବଙ୍କ ସହ ଅତିରିକ୍ତ ରିଲିଫ୍ କମିଶନର (ଏସଆରସି) ଓ ଉନ୍ନୟନ କମିଶନର ମଧ୍ୟ ଯୋଡ଼ି ହୋଇଥିଲେ। ବାତ୍ୟାର ମୁକାବିଲା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖିବା ଉପରେ ଆଲୋଚନା ହୋଇଥିଲା।

ସମ୍ଭାବ୍ୟ ବର୍ଷା ଓ ଜଳ ପରିଚାଳନାକୁ ନେଇ ଛତିଶଗଡ଼ ସରକାରଙ୍କ ସହ ମଧ୍ୟ ଯୋଗାଯୋଗ ରଖାଯାଇଛି। ଛତିଶଗଡ଼ ପକ୍ଷରୁ ଜଳ ନିଷ୍କାସନ କରାଗଲେ ତୁରନ୍ତ ସୂଚନା ଦେବାକୁ କୁହାଯାଇଛି। ଏହାଦ୍ୱାରା ଓଡ଼ିଶାରେ ସମ୍ଭାବ୍ୟ ଜଳ ପ୍ରବାହ ଓ ତାହାର ପ୍ରଭାବକୁ ନେଇ ଆଗୁଆ ପଦକ୍ଷେପ ନିଆଯାଇପାରିବ। ବାତ୍ୟାର ଗତିପଥ ଓ ତୀବ୍ରତା ଅନୁସାରେ ପରିସ୍ଥିତିରେ ପରିବର୍ତ୍ତନ ହୋଇପାରେ। ତେଣୁ ସମସ୍ତ ଜିଲ୍ଲା ପ୍ରଶାସନକୁ ସତର୍କ ରହିବା ସହ ପାଣିପାଗ ବିଭାଗର ସଦ୍ୟତମ ସୂଚନା ଆଧାରରେ ପଦକ୍ଷେପ ନେବାକୁ କୁହାଯାଇଛି।

## ଯାଞ୍ଚ ବେଳେ ନଗଦ ୪ କୋଟି ଟଙ୍କା ଜବତ

ଭୁବନେଶ୍ୱର, ୨୬।୧୦(ନି.ପ୍ର.): ପିକ୍‌ଅପ୍ ଭ୍ୟାନରୁ ମିଳିଛି ପୁଳାପୁଳା ଟଙ୍କା। ସିକ୍ରେଟ ଚ୍ୟାମ୍ବରରେ ଚାଲାଣ ହେଉଥିଲା ନଗଦ ଟଙ୍କା। ହେଲେ ଛତିଶଗଡ଼ର ଦୁର୍ଗ ଅନ୍ତର୍ଗତ ଖୁରସିପର ଅଞ୍ଚଳରେ ଚାଲିଥିବା ଯାଞ୍ଚ ବେଳେ ପୁଲିସ୍ ସବୁ ଖେଳରେ ପାଣି ପକାଇ ଦେଇଛି। ଭ୍ୟାନରେ ଅତ୍ୟନ୍ତ ଗୁପ୍ତ ଭାବେ ଚାଲାଣ ହେଉଥିବା ନଗଦ ୪ କୋଟି ଟଙ୍କାକୁ ପୁଲିସ୍? ଜବତ କରିଛି। ଗୋଟିଏ ଧଳା ପିକ୍‌ଅପ୍ ଭ୍ୟାନରେ ବିପୁଳ ପରିମାଣର ଟଙ୍କା ଚାଲାଣ ହେଉଥିବା ପୁଲିସକୁ ମିଳିଥିଲା ଖବର। ଏହି ଖବର ପରେ ଖୁରସିପର ଅଞ୍ଚଳରେ ପୁଲିସ୍ ଆରମ୍ଭ କରିଥିଲା ଯାଞ୍ଚ। ଏହି ସମୟରେ ପୁଲିସର ନଜର ଗୋଟିଏ ଧଳା ପିକଅପ ଭ୍ୟାନ ଉପରେ ପଡ଼ିଥିଲା। ଏହି ଗାଡ଼ିରେ କେବଳ ଜଣେ ଡ୍ରାଇଭର ଓ ଆଉ ଜଣେ ବ୍ୟକ୍ତି ରହିଥିଲେ। ଗାଡ଼ିଟି ସଂପୂର୍ଣ୍ଣ ଖାଲିଥିବା ପୁଲିସ୍ ପ୍ରଥମେ ଦେଖିବାକୁ ପାଇଥିଲା। ହେଲେ ଭଲ ଭାବେ ଯାଞ୍ଚ କରିବାରୁ ଗାଡ଼ିର ପଛ ପଟରେ ଦେଖିବାକୁ ମିଳିଥିଲା ଗୋଟିଏ ସ୍ୱତନ୍ତ୍ର ଚ୍ୟାମ୍ବର।ପୁଲିସ୍ ଏହି ଚ୍ୟାମ୍ବରକୁ ଖୋଲିବା ମାତ୍ରେ ପୂରା ହତବାକ ହୋଇ ଯାଇଥିଲା। କାରଣ ଜରିଭିତରେ ରହିଥିଲା ବଣ୍ଡଲ ବଣ୍ଡଲ ଟଙ୍କା। ପ୍ରାୟ ୪ କୋଟି ନଗଦ ଟଙ୍କାକୁ ଚ୍ୟାମ୍ବର ମଧ୍ୟ ଚାଲାଣ କରାଯାଇଥିବା ଜଣାପଡ଼ିବା ପରେ ପୁଲିସ୍ ସେଗୁଡ଼ିକୁ ଜବତ କରିଛି। ସେହିପରି ଗାଡ଼ିରେ ଥିବା ଡ୍ରାଇଭର ଓ ବ୍ୟକ୍ତିଙ୍କୁ ପୁଲିସ୍ ଅଟକ ରଖି ଜେରା କରୁଛି। ଏତେ ପରିମାଣର ଟଙ୍କା ସେମାନେ କେଉଁଠୁ ପାଇଲେ ଓ ଏହାକୁ କେଉଁଠିକୁ ନେଉଥିଲେ, ସେକଥା ଜାଣିବା ପାଇଁ ଦୁର୍ଗ ପୁଲିସ୍ ଲାଗି ପଡ଼ିଛି।



## ଉଦ୍ଧାର ହେଲା ୪ ବର୍ଷର ଶିଶୁକନ୍ୟା

ବାରିପଦା, ୨୬।୧୦(ନି.ପ୍ର.): ଘର ଆଗରେ ଖେଳୁଥିଲା କୁନି ଝିଅ। ହଠାତ୍ କେଉଁଆଡ଼ ଉଭାନ ହୋଇଗଲା। ପରିବାର ଲୋକଙ୍କ ଚିନ୍ତା ବଢ଼ିଲା, ଥାନାରେ ହେଲା ଅଭିଯୋଗ। ଶେଷରେ ନିଖୋଜ ହେବାର ଦିନକ ପରେ ଘର ପଛପଟୁ ଉଦ୍ଧାର ହେଲା ସାଢେ ୪ ବର୍ଷର ଶିଶୁକନ୍ୟା। ଏଭଳି ଏକ ଘଟଣା ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।



ସୂଚନା ଅନୁସାରେ, ବାରିପଦା ପୌରପାଳିକାର ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ଯମୁନାଦେଇପୁରର ଚନ୍ଦ୍ରମଣି ସୋରେନ ଓ ସୁନୀଲ ସୋରେନଙ୍କ ଝିଅ ମାହି ମାୟରା ସୋରେନ ଓରଫ୍ ସିଦ୍ଧି ରବିବାର ନିଖୋଜ ହୋଇଯାଇଥିଲେ। ଟ୍ୟୁସନରୁ ଫେରିବା ପରେ ସେ ଘର ସାମ୍ନାରେ ଥିବା ବାଲିଗଦା ନିକଟରେ ଖେଳୁଥିଲେ। ଏହି ସମୟରେ ମା' ରୋଷେଇ କରିବାକୁ ଘର ଭିତରକୁ ଯାଇଥିଲେ। ପ୍ରାୟ ସକାଳ ୧୧ଟାରେ ଫେରି ଝିଅକୁ ନପାଇ ଖୋଜାଖୋଜି ଆରମ୍ଭ କରିଥିଲେ। ଆଖପାଖ ଅଞ୍ଚଳରେ ଖୋଜିବା ପରେ ମଧ୍ୟ ଝିଅର କୌଣସି ସନ୍ଧାନ ନମିଳିବାରୁ ପରିବାର ପକ୍ଷରୁ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇବା ପରେ ପୋଲିସ ତିନୋଟି ଟିମ୍ ଗଠନ କରି ଶିଶୁକନ୍ୟାର ସନ୍ଧାନ ଆରମ୍ଭ କରିଥିଲା।ସୋମବାର ସକାଳେ ଜଣେ ଅଜଣା ଯୁବକ ଶିଶୁଟିକୁ ଘର ପଛପଟେ ଛାଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରିଥିଲେ। ଏହାପରେ ଶିଶୁର ମା'ଙ୍କୁ ଖବର ଦେବା ସହ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଅଟକ ରଖିଛି।ଉଦ୍ଧାର ହୋଇଥିବା ଶିଶୁକନ୍ୟା ସୁସ୍ଥ ଥିବା ଜଣାପଡ଼ିଛି ଏବଂ ତାକୁ ପରିବାର ଲୋକଙ୍କ ନିକଟରେ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ଅଟକ ଯୁବକଙ୍କ ପରିଚୟ, ଶିଶୁକୁ ନେବା ପଛରେ ଉଦ୍ଦେଶ୍ୟ ଏବଂ ତାକୁ କେଉଁଠି ରଖାଯାଇଥିଲା, ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଝିଅକୁ ସୁରକ୍ଷିତ ଫେରି ପାଇବା ପରେ ପରିବାର ପକ୍ଷରୁ ପୋଲିସ, ସ୍ଥାନୀୟ ଲୋକ ଓ ଗଣମାଧ୍ୟମକୁ କୃତଜ୍ଞତା ଜଣାଯାଇଛି।

### ରାହୁଲ ଗାନ୍ଧୀଙ୍କ କାରକେଡ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ନୂଆଦିଲ୍ଲୀ:, ୨୬।୧୦(ନି.ପ୍ର.): ଉତ୍ତର ପ୍ରଦେଶ ସୁଲତାନପୁର ପୂର୍ବାଞ୍ଚଳ ଏକ୍ସପ୍ରେସ ୱେରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କାରକେଡ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ରାହୁଲଙ୍କ କାରକେଡ୍ ଗାଡ଼ି ପରସ୍ପର ସହିତ ଧକ୍କା ହୋଇଛି । ଏଥିରେ ରାହୁଲ ଏବଂ ତାଙ୍କ ଗାଡ଼ି ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ରାହୁଲ ଗାନ୍ଧୀ ଆଜି ସୁଲତାନପୁରରେ କୋର୍ଟରେ ହାଜର ହେବାକୁ ଯାଉଥିଲେ । ସେ ଲକ୍ଷ୍ନୌରୁ ସୁଲତାନପୁର ଅଭିମୁଖେ ଯାଉଥିବାବେଳେ ଏକ୍ସପ୍ରେସ ୱେର ହଲିୟାପୁର ଥାନା ଅଞ୍ଚଳରେ ତାଙ୍କ କାରକେଡ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ।

ରାହୁଲ ଗାନ୍ଧୀଙ୍କ କାରକେଡ୍ ପଛରେ ଆସୁଥିବା ଚାରୋଟି କାର୍ ଏବଂ ଗୋଟିଏ ଆମ୍ବୁଲାନ୍ସ ପରସ୍ପର ସହ ଧକ୍କା ହୋଇଯାଇଛି। ଭାଗ୍ୟବଶତଃ ରାହୁଲ ଗାନ୍ଧୀ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି । କାହାର କୌଣସି କ୍ଷତି ହୋଇ ନଥିବାବେଳେ ଦୁର୍ଘଟଣା କିପରି ଘଟିଲା ସେ ନେଇ ଯାଞ୍ଚ ଜାରି ରହିଛି । ୨୦୧୮ ମସିହାରେ ଏକ ମାମଲାରେ ସୁଲତାନପୁରର ସ୍ୱତନ୍ତ୍ର ସାଂସଦ/ବିଧାୟକ ଅଦାଲତରେ ହାଜର ହେବାକୁ ରାହୁଲ କୋର୍ଟ ଯାଉଥିଲେ ।

## ରାଷ୍ଟ୍ରପତି ଭବନ ନିକଟ ନର୍ଥ ବ୍ଲକରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୨୬।୧୦(ନି.ପ୍ର.): ଦେଶର ରାଜଧାନୀ ଦିଲ୍ଲୀରେ ରାଷ୍ଟ୍ରପତି ଭବନ ନିକଟରେ ଥିବା ନର୍ଥ ବ୍ଲକ୍‌ରେ ସୋମବାର ଅଗ୍ନିକାଣ୍ଡ ଘଟିଛି। କୋଠାର ଛାତ ଉପରେ ଥିବା ଏକ ଏସି ବଏଲର୍‌ରେ ନିଆଁ ଲାଗିବା ପରେ ଅଗ୍ନିଶମ ବିଭାଗର ୬ଟି ଗାଡ଼ି ଘଟଣାସ୍ଥଳକୁ ପଠାଯାଇଥିଲା। ତେବେ ଅଗ୍ନିଶମ କର୍ମଚାରୀମାନେ ଶୀଘ୍ର ନିଆଁକୁ ଆୟତ୍ତ କରିଥିବାରୁ ବଡ଼ ଅଘଟଣ ଟଳିଯାଇଛି।ସୂଚନା ଅନୁସାରେ, କୋଠାର ଛାତ ଉପରେ ନିର୍ମାଣ କାର୍ଯ୍ୟ ସହ ୱେଲ୍ଡିଂ କାମ ଚାଲିଥିଲା। ଏହି ସମୟରେ ସର୍ଟ ସର୍କିଟ୍ ଯୋଗୁଁ ଏସି ବଏଲର୍‌ରେ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଖବର ପାଇବା ପରେ ଦିଲ୍ଲୀ ଅଗ୍ନିଶମ ବିଭାଗ ୬ଟି ଦମକଳ ଗାଡ଼ି ପଠାଇଥିଲା। ନିଆଁକୁ ତୁରନ୍ତ ନିୟନ୍ତ୍ରଣ କରାଯିବା ସହ କୌଣସି ଜୀବନହାନି ହୋଇନଥିବା ଅଧିକାରୀମାନେ କହିଛନ୍ତି।ଏହି ଘଟଣା ସମୟରେ ଶିବସେନାର ରାଜ୍ୟସଭା ସାଂସଦ ମିଲିନ୍ଦ ଦେଓରା ସଂସଦକୁ ଯାଉଥିଲେ। ନର୍ଥ ବ୍ଲକ୍ ପଛପଟୁ ଘନ ଧୂଆଁ ଉଠୁଥିବା ଦେଖି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଢରେ ଏକ ଫଟୋ ସେୟାର କରିଥିଲେ। ଏହା ସହ ଘଟଣାସ୍ଥଳରେ ସମସ୍ତେ ସୁରକ୍ଷିତ ଥିବେ ଏବଂ ଜରୁରୀକାଳୀନ ସେବା ଶୀଘ୍ର ପହଞ୍ଚିଥିବ ବୋଲି ଆଶା ପ୍ରକାଶ କରିଥିଲେ।ଉଲ୍ଲେଖଯୋଗ୍ୟ, ସଂସଦ ଓ ଏହାର ଆଖପାଖ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟଣା ବିରଳ। ଏହା ପୂର୍ବରୁ ନୂଆ ସଂସଦ ଭବନରେ ନିର୍ମାଣ ସମୟରେ ଏକ ସୁରକ୍ଷା ଜାଲରେ ନିଆଁ ଲାଗିଥିବା ଘଟଣା ସାମ୍ନାକୁ ଆସିଥିଲା। ତେବେ ସୋମବାରର ଘଟଣାରେ ନିଆଁ ଶୀଘ୍ର ଲିଭାଯାଇଥିବାରୁ କୌଣସି ମୃତାହତ ହୋଇନାହାନ୍ତି।



## ବାତ୍ୟା ନେଇ ମିଥ୍ୟା ଓ ଭ୍ରମାତ୍ମକ ପୂର୍ବାନୁମାନ ପ୍ରସାରଣରୁ ଦୂରେଇ ରୁହ

ଭୁବନେଶ୍ୱର,, ୨୬।୧୦(ନି.ପ୍ର.):ବାତ୍ୟା ଏବଂ ଅନ୍ୟାନ୍ୟ ଗୁରୁତର ପାଣିପାଗ ସ୍ଥିତିକୁ ନେଇ ସୋସିଆଲ ମିଡିଆ, ଡିଜିଟାଲ୍ ପ୍ଲାଟଫର୍ମ ଓ କେତେକ ଗଣମାଧ୍ୟମରେ ଅପ୍ରମାଣିତ, ଭ୍ରମାତ୍ମକ ଏବଂ କଳ୍ପନାପ୍ରସୂତ ସୂଚନା ପ୍ରସାରଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଓଡ଼ିଶା ସରକାର। ଏଭଳି ସୂଚନା ଜନସାଧାରଣଙ୍କ ମଧ୍ୟରେ ଅଯଥା ଭୟ ଓ ଆତଙ୍କ ସୃଷ୍ଟି କରିବା ସହ ସାଧାରଣ ଜୀବନ ଏବଂ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିକୁ ପ୍ରଭାବିତ କରିପାରେ ବୋଲି ସରକାର ସତର୍କ କରାଇଛନ୍ତି।ଏନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୨୬ ତାରିଖରେ ଏକ ସରକାରୀ ପରାମର୍ଶନାମା ଜାରି କରାଯାଇଛି। ଏଥିରେ ବାତ୍ୟାର ଗତିପଥ, ସ୍ଥଳଭାଗ ଛୁଇଁବାର ସମ୍ଭାବ୍ୟ ସ୍ଥାନ, ସମୟ ଏବଂ ପ୍ରଭାବ ସମ୍ପର୍କରେ ବୈଜ୍ଞାନିକ ଆଧାର ବିନା ପୂର୍ବାନୁମାନ ପ୍ରଚାର କରୁଥିବା ବ୍ୟକ୍ତି, ନିଜକୁ ପାଣିପାଗ ବିଶେଷଜ୍ଞ ବୋଲି ଦାବି କରୁଥିବା ଲୋକ ଏବଂ ଡିଜିଟାଲ୍ କଣ୍ଟେଣ୍ଟ କ୍ରିଏଟରମାନଙ୍କୁ ସତର୍କ କରାଯାଇଛି।ସରକାରଙ୍କ ପରାମର୍ଶନାମା ଅନୁଯାୟୀ, ମିଥ୍ୟା ଓ ଅତିରଞ୍ଜିତ ବାତ୍ୟା ପୂର୍ବାନୁମାନ ଯୋଗୁଁ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇପାରେ।

ଅମଳ ହେବାକୁ ଥିବା ଫସଲ ନଷ୍ଟ ହେବା ଭୟରେ ଚାଷୀମାନେ ଆଗୁଆ ଫସଲ କାଟିବାକୁ ବାଧ୍ୟ ହୋଇପାରନ୍ତି। ଫଳରେ ଅନାବଶ୍ୟକ ଫସଲ କ୍ଷତି ସହ ଆର୍ଥିକ ହାନି ହେବାର ଆଶଙ୍କା ରହିଛି।ସେହିପରି, ଭ୍ରମାତ୍ମକ ସୂଚନା ଯୋଗୁଁ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଅଯଥା ଭିଡ଼ ଜମାଇବା, ସାମଗ୍ରୀ ମହଜୁଦ ରଖିବା ଏବଂ କୃତ୍ରିମ ଅଭାବ ସୃଷ୍ଟି ହେବା ଭଳି ପରିସ୍ଥିତି ଉପୁଜିପାରେ। ଏହାଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ହେବାର ମଧ୍ୟ ଆଶଙ୍କା ରହିଛି।ଏଭଳି ବିଭ୍ରାନ୍ତିକର ଚେତାବନୀ ସରକାରଙ୍କ ବାତ୍ୟା ପ୍ରସ୍ତୁତି, ଲୋକଙ୍କ ସ୍ଥାନାନ୍ତରଣ ଏବଂ ଜରୁରୀକାଳୀନ ସହାୟତା କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ ବୋଲି ଏସ୍‌ଆରସି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ହେଉଛି ଦେଶରେ ପାଣିପାଗ ପୂର୍ବାନୁମାନ, ବାତ୍ୟା ସମ୍ବନ୍ଧୀୟ ବୁଲେଟିନ୍ ଏବଂ ଗୁରୁତର ପାଣିପାଗ ସତର୍କ ସୂଚନା ଜାରି କରିବା ପାଇଁ ନିର୍ଦ୍ଦିଷ୍ଟ ଜାତୀୟ ସଂସ୍ଥା। ଏସ୍‌ଆରସି କାର୍ଯ୍ୟାଳୟ ଆଇଏମ୍‌ଡି ଏବଂ ଅନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ରାଜ୍ୟରେ ବିପର୍ଯ୍ୟୟ ସମ୍ବନ୍ଧୀୟ ସରକାରୀ ପରାମର୍ଶ ଜାରି କରିବା ସହ ପ୍ରସ୍ତୁତି, ସ୍ଥାନାନ୍ତରଣ ଏବଂ ମୁକାବିଲା କାର୍ଯ୍ୟର ସମନ୍ୱୟ କରିଥାଏ।

ତେଣୁ ବାତ୍ୟା ଓ ଅନ୍ୟ ଗୁରୁତର ପାଣିପାଗ ସମ୍ବନ୍ଧୀୟ ସୂଚନା ପ୍ରଚାର କରିବା ପୂର୍ବରୁ ଏହାର ସତ୍ୟତା ଯାଂଚ କରିବାକୁ ସମସ୍ତ ବ୍ୟକ୍ତି, ଗଣମାଧ୍ୟମ ସଂସ୍ଥା, ଡିଜିଟାଲ୍ କଣ୍ଟେଣ୍ଟ କ୍ରିଏଟର ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ପରାମର୍ଶ ଦିଆଯାଇଛି। ପାଣିପାଗ ସମ୍ବନ୍ଧୀୟ ସୂଚନା ପ୍ରସାରଣ ପୂର୍ବରୁ ଆଇଏମ୍‌ଡିର ସରକାରୀ ବୁଲେଟିନ୍ ଏବଂ ଏସ୍‌ଆରସି କିମ୍ବା ଅନ୍ୟ ସକ୍ଷମ କର୍ତ୍ତୃପକ୍ଷଙ୍କ ପରାମର୍ଶ ସହ ତାହାକୁ ମେଳ କରି ଯାଂଚ କରିବା ଆବଶ୍ୟକ। ପରାମର୍ଶନାମାରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି।ଆଇନର ଧାରା ୫୪ ଅନୁଯାୟୀ, ବିପର୍ଯ୍ୟୟ କିମ୍ବା ଏହାର ତୀବ୍ରତା ସମ୍ପର୍କରେ ମିଥ୍ୟା ସତର୍କ ସୂଚନା କିମ୍ବା ଚେତାବନୀ ଜାରି କରିବା ବା ପ୍ରସାରଣ କରିବା ଦ୍ୱାରା ଯଦି ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୁଏ, ତେବେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ କିମ୍ବା ଜରିମାନା ହୋଇପାରେ।ସେହିପରି ଧାରା ୫୧ ଅନୁଯାୟୀ, ଯଥାର୍ଥ କାରଣ ବିନା ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ ଅଧିକୃତ ଅଧିକାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା କିମ୍ବା ସକ୍ଷମ କର୍ତ୍ତୃପକ୍ଷଙ୍କ ଆଇନସମ୍ମତ ନିର୍ଦ୍ଦେଶ ପାଳନ ନକରିବା କ୍ଷେତ୍ରରେ ଆଇନ ଅନୁଯାୟୀ ଦଣ୍ଡବିଧାନ ହୋଇପାରେ।

## ପୂର୍ବତଟ ରେଳପଥ କର୍ମଚାରୀଙ୍କ ସତ୍ୟନିଷ୍ଠାର ଶପଥ ଗ୍ରହଣ

ଭୁବନେଶ୍ୱର, ୨୬।୧୦(ନି.ପ୍ର): ରେଳବାଇ କାର୍ଯ୍ୟକଳାପରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇ ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ୨୦୨୬ ପାଳନ କରାଯାଉଛି। ଏହି ଅବସରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ରେଳପଥର ଅଧିକାରୀ ଓ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠାର ଶପଥ ପାଠ କରାଇଥିଲେ।ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ ଅକ୍ଟୋବର ୨୬ରୁ ନଭେମ୍ବର ୧, ୨୦୨୬ ପର୍ଯ୍ୟନ୍ତ "ଚକ୍ସକ୍ଟ-ଭସଗ୍ଧଚ ଲକ୍ଟକ୍ସ ଚକ୍ସକ୍ଟକ୍ସକ୍ଟରକ୍ସ-ସଗ୍ଧଚ" (ସମୃଦ୍ଧି ପାଇଁ ସତ୍ୟନିଷ୍ଠା) ବିଷୟବସ୍ତୁକୁ ନେଇ ପାଳନ କରାଯାଉଛି। ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥାକୁ ସୁଦୃଢ଼ କରିବା ଏବଂ ଦେଶର ପ୍ରଗତିରେ ଯୋଗଦାନ କରିବା ଦିଗରେ ସତ୍ୟନିଷ୍ଠା, ସଚ୍ଚୋଟତା ଓ ଉତ୍ତରଦାୟିତ୍ୱର ଗୁରୁତ୍ୱକୁ ପ୍ରତିପାଦିତ କରୁଛି।ଶପଥ ଗ୍ରହଣ ସମାରୋହରେ ରେଳ ଅଧିକାରୀ ଓ କର୍ମଚାରୀମାନେ ନିଜର ବୃତ୍ତିଗତ କାର୍ଯ୍ୟକଳାପରେ ସର୍ବୋଚ୍ଚ ସ୍ତରରେ ସତ୍ୟନିଷ୍ଠା ଓ ନୈତିକତା ବଜାୟ ରଖିବା, ସଚ୍ଚୋଟତା ଓ ନିରପେକ୍ଷତାର ସହ ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ଏବଂ ବୃହତ୍ତର ଜନସ୍ୱାର୍ଥରେ କାର୍ଯ୍ୟ କରିବା ପାଇଁ ପୁନଃ ସଂକଳ୍ପ ନେଇଥିଲେ। ଏହି ଶପଥରେ ପ୍ରଶାସନର ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବା, ଦୁର୍ନୀତି ନିବାରଣ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।



ସତର୍କତା ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ହେଉଛି ଦୁର୍ନୀତି ନିବାରଣ କ୍ଷେତ୍ରରେ ନୈତିକ ଆଚରଣ ଓ ସାମୂହିକ ଦାୟିତ୍ୱବୋଧର ଗୁରୁତ୍ୱ ସମ୍ପର୍କରେ ରେଳ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ଏହା ପୂର୍ବ ତଟ ରେଳପଥର କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା, ନିରପେକ୍ଷତା ଓ ସତ୍ୟନିଷ୍ଠା ବଜାୟ ରଖିବା ପ୍ରତି ଥିବା ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ଼ କରୁଛି।ଏହି ଶପଥ ଗ୍ରହଣ ସମାରୋହରେ ପୂର୍ବ ତଟ ରେଳପଥର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ଅରୁଣ କୁମାର ଚତୁର୍ବେଦୀଙ୍କ ସମେତ ବିଭାଗୀୟ ପ୍ରମୁଖ ଅଧିକାରୀ, ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସତର୍କତା ସଚେତନତା ସପ୍ତାହ ପାଳନ ମାଧ୍ୟମରେ ପୂର୍ବ ତଟ ରେଳପଥ ଯାତ୍ରୀ ଓ ଦେଶର ସେବାରେ ସତ୍ୟନିଷ୍ଠା, ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।



# ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,୨୬।୧୦ :(ମନ୍ଥନ)ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କଅଧ୍ୟକ୍ଷତାରେ ଆଠମଲ୍ଲିକ ପଞ୍ଚାୟତ ସମିତି ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣିକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୬୮ଟି ଅଭିଯୋଗ ଗ୍ରହଣକରାଯାଇଥିଲା । ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣିହୋଇଥିବାବେଳେ ୮ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୧ ଜଣଙ୍କୁ ମୁଖ୍ୟମନ୍ତ୍ରୀରିଲିଫ ପାଣ୍ଠିରୁ ୫ ହଜାର ଟଙ୍କା ଓ ୪ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଚିକିତ୍ସାସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟଉନ୍ନୟନ ଅଧିକାରୀ ତଥା



କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଆଠମଲ୍ଲିକଉପଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର ଲୋହା, ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସଞ୍ଜୟ କୁମାର ଭୋଇ, ଅତିରିକ୍ତଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲିପ କୁମାର ମିଶ୍ର, ଜିଲ୍ଲାସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥି,ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ମୁଖ୍ୟଜିଲ୍ଲା କୃଷି ଅଧିକାରୀ ଶ୍ରୀ ଦିବ୍ୟ ସ୍ୱରୂପ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମନିଷ ଏକ୍କା,ଜିଲ୍ଲାମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନଅଭିଯୋଗ ଦାଖଲ କରିଥିଲେ ।

# ରାଣୀଗୋଡାରେ ବଗାଧରଙ୍କ ବାର୍ଷିକ ପୂଜା ଏବଂ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ

ଅନୁଗୋଳ,୨୬।୧୦ :(ମନ୍ଥନ) ସହର ଉପକଣ୍ଠ ରାଣୀଗୋଡା ଗ୍ରାମର ଆରାଧ୍ୟ ଦେବତା ବଗାଧରଙ୍କ ବାର୍ଷିକ ପୂଜା କୁମାର ପୂର୍ଣ୍ଣିମା ଉତ୍ସବ ଆଜି ଠାରୁ ତିନି ଦିନ ପର୍ଯ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ବଡ଼ ଆଡ଼ମ୍ବର ସହିତ ପାଳିତ ହେଉଛି । ସେହି ଅବସରରେ ଆଜି ପୂର୍ବାହ୍ନ ୧୦ ଘଣ୍ଟା ୩୦ ମିନିଟ୍ ସମୟରେ ଠାକୁରଙ୍କ ଦିଅଁ ଘରେ ପୂଜାର୍ଚ୍ଚନା କରାଯାଇ ଠାକୁରଙ୍କ ବିଜେ ପ୍ରତିମା ଆଲମକୁ ଏକ ଭବ୍ୟ ଶୋଭାଯାତ୍ରାରେ ଖୋଳ, କରତାଳି, ଘଣ୍ଟ, ଘଣ୍ଟା, ଢୋଲ, ମହୁରୀ, ନିଶାଣ, ଛତ୍ରୀ, ତ୍ରାସ, ଲଉଡିବାଡି ଏବଂ ସାଉଣ୍ଡ ବାଜାର ତାଳେ ତାଳେ ଓ ନୃତ୍ୟ ସୁଆଙ୍ଗ ଇତ୍ୟାଦିର ଏକ ବିରାଟ ଶୋଭାଯାତ୍ରାରେ ସମଗ୍ର ଗ୍ରାମ ପରିକ୍ରମା କରା ଯାଇଥିଲା । ଗାଁ ର ମହିଳା ମାନେ ନିଜ ଦୁଆରେ ଝୋଟି ଚିତା ପକାଇ ଦାଣ୍ଡ ଦୁଆରେ ଜାଗର ଜାଳି ଫୁଲ, ଦୁବ, ଅରୁଆ ଚାଉଳରେ ଠାକୁରଙ୍କୁ' ବନ୍ଦାପନାର ଦୃଶ୍ୟ ଏକ ଭାବମୟ ପରିବେଶ ସୃଷ୍ଟି କରିବା ସହିତ ହୁଳହୁଳି ଓ ହରିବୋଲ ଶବ୍ଦରେ ଗ୍ରାମ ପ୍ରକମ୍ପିତ ହୋଇଥିଲା । ଗ୍ରାମ ପରିକ୍ରମା ପରେ ଅପରାହ୍ନ ୪ ଘଣ୍ଟା ୩୦ ମିନିଟ୍ ସମୟରେ ବିଜେ ପ୍ରତିମା ଈଆଲମଈ କୁ



ପୂଜା ମଣ୍ଡପରେ ବିଜେ କରାଇ ପୂଜକ ଭାଗିରଥି ଦେହୁରୀ ଏବଂ ସହଯୋଗୀଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପ୍ରଥମେ ମାର୍ଜନା କର୍ମ କରା ଯାଇଥିଲା । ପ୍ରଥମ ପୂଜା ପରେ ଠାକୁରଙ୍କ' ଆଜ୍ଞାମାଳ ନେଇ ଈକାଳେସୀଈ କୁ ଡାକିବାକୁ ଯାଇଥିଲେ । ସେଠାରେ ଅନ୍ୟ ଜଣେ ପୂଜକ ଘଣ୍ଟ ଘଣ୍ଟା ଢୋଲ ବାଦ୍ୟର ନାଦରେ ଷୋଡ଼ଶ ଉପଚାରରେ ପୂଜା କରି ଈଠାକୁରଙ୍କୁ କାଳେସୀଈ ଦେହରେ ଆବିର୍ଭୁତା କରାଇଥିଲେ । ଠାକୁରଙ୍କ ଆବିର୍ଭାବ ପରେ ସେହି ବାଦ୍ୟର ତାଳେ ତାଳେ ପୂଜା ମଣ୍ଡପକୁ ଆଣିଥିଲେ । ଉପସ୍ଥିତି ସମସ୍ତ ଅଧିଆ ଏବଂ ଶ୍ରଦ୍ଧାଳୁଙ୍କ ଉପରେ ଠାକୁରଙ୍କ ଆଶିର୍ବାଦ ସିଞ୍ଚନ କରା ଯାଇଥିଲା । ମନ୍ଦିର ପରିସର ସହ ଘଣ୍ଟ ଘଣ୍ଟା ହରିବୋଲ ହୁଳହୁଳି ଶବ୍ଦରେ ପୁରା ଗାଁ ଟି ସାରା ପ୍ରକମ୍ପିତ ହେବା ସହ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳା ଏବଂ ତୋରଣ ଗୁଡ଼ିକ ଗାଁ ଟିକୁ ଚଳଚଞ୍ଚଳ କରି ଦେଇଥିଲା । ବିଳମ୍ବିତ ରାତ୍ରି ସମୟରେ ବିଧି ଅନୁଯାଇ ଷୋଡ଼ଶ ଉପଚାରରେ ଠାକୁରଙ୍କ ବଡ ପୂଜା ସମ୍ପନ୍ନ କରା ଯାଇଥିଲା । ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ ସହ ଭୋଗ ଲଗାଇ ଠାକୁରଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ । ଶତାଧିକ ମାନସିକ ଧାରୀ ଶିଶୁ ମାନଙ୍କର ମୁଣ୍ଡନ ପରେ ଠାକୁରଙ୍କ' ଦର୍ଶନ ଲାଭ କରିଥିଲେ । ଅନେକ ମହିଳା କୃପା ଭିକ୍ଷା ପାଇଁ ଅଧିଆ ପଡିଥିବାର ଦେଖା ଯାଇଥିଲା । ମନ୍ଦିର ପରିସର ତଥା ଗ୍ରାମରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗ୍ରାମ ର ସ୍ୱଚ୍ଛାସେବୀ ଯୁବକ ମାନେ ପୋଲିସର ସହାୟତା କରିଥିଲେ । ମନଷ୍ଟର କ୍ଲବ ତରଫରୁ ଆୟୋଜିତ କନିଷ୍ଠ ଓ ବରିଷ୍ଠ ବର୍ଗର ନୃତ୍ୟ ପ୍ରତିଯୋଗିତା କରା ଯାଇଥିଲା । ବିଜେତା ମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରା ଯାଇଥିଲା । ତିନି ଦିନ ପର୍ଯ୍ୟନ୍ତ ରାତ୍ରିକାଳୀନ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପରିବେଷଣ କରା ଯିବାର ସ୍ଥିର କରାଯାଇଛି । ରାତ୍ରୀ ସମୟରେ ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଅନୁମାନ କରାଯାଉଛି । ଗ୍ରାମର ଯୁବଗୋଷ୍ଠୀ ଗ୍ରାମରେ ଭାଇଚାରା ସୃଷ୍ଟି କରିବା ସହ ଗାଁ ର ଉନ୍ନତି କରିବା ପୂଜା କମିଟିର ଲକ୍ଷ୍ୟ ରହିଛି ବୋଲି ଗ୍ରାମବାସୀ କୁହନ୍ତି । ଏହି କାର୍ଯ୍ୟକ୍ରମକୁ ସଭାପତି କମଳ ଲୋଚନ ଦାସ ପରିଚାଳନା କରିଥିବା ବେଳେ ଗ୍ରାମବାସୀଙ୍କ ସହ କମିଟି ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୨୬।୧୦ :(ମନ୍ଥନ)ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହିକାର୍ଯ୍ୟକ୍ରମରେ ୨୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ଓ ୩ଟିଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା । ୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ହଜାର ଟଙ୍କା ଓ ୫ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୬ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶିପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେଯୋଗ ଦେଇଥିଲେ । ଏହି



ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# କୁଲାଡ଼ ଗ୍ରାମରେ ଲକ୍ଷ୍ମୀପୂଜା

ଅନୁଗୋଳ,୨୬।୧୦ :(ମନ୍ଥନ) ନାଲକୋ ନଗର ଅଞ୍ଚଳର କୁଲାଡ଼ ଗ୍ରାମରେ ମା ଗଜଲକ୍ଷ୍ମୀଙ୍କର ପୁଜା ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ଏହି ଗ୍ରାମରେ ମୋଟ ଦଶଗୋଟି ମେଢ଼ ଅନୁଷ୍ଠିତ ହୋଇଛି, ସେଥି ମଧ୍ୟରୁ ସାହାରା କ୍ଲବ, କୁଲାଡ଼ ଛକ, ବଡ଼ ବନ୍ଧ, ଆଲୁମିନିୟମ ହାଇ ସ୍କୁଲ, ବାବା କ୍ଲବ, ପ୍ରିନ୍ସ କ୍ଲବ, ଫ୍ରେଣ୍ଡ କ୍ଲବ, ବଣିକ ସଙ୍ଘ, ବ୍ରହ୍ମହଣି ସାହି ଏବଂ ରୟାଲ କ୍ଲବ ତରଫରୁ ମା ଲକ୍ଷ୍ମୀ ପୁଜା ପାଇଥିଲେ ।ସେଥିମଧ୍ୟରୁ ସାହାରା କ୍ଲବ ତରଫରୁ ଶନିବାର ମା ଲକ୍ଷ୍ମୀ ଙ୍କୁ ବାଜା ବାଣ ରୋଷଣୀ କରି ମା ଙ୍କୁ ପୁଜା ମଣ୍ଡପକୁ ଆବାହନ କରିଥିଲେ । ରବିବାର ଅପରାହ୍ନ ୧ଘଟିକାରେ ପ୍ରଥମେ କୁଲାଡ଼ ପୋଖରୀରୁ କଳସ ଯାତ୍ରା କରି ମା ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା କରିଥିଲେ, ଏଥିରେ କମିଟିର ଉପଦେଷ୍ଟା ପ୍ରକାଶ ବେହେରା, ସଭାପତି ଦୀପକ ଜେନା, ସାଧାରଣ ସମ୍ପାଦକ ପିଙ୍କୁ ସାମନ୍ତ ସିଂ କୋଷାଧ୍ୟକ୍ଷ ବିକାଶ ଜେନା, ଅଭିଷେକ ଦେଓ, ଟୁଟୁ ବେହେରା, ଜୁଲୁ ସ୍ୱାଇଁ, ବିରେନ ବେହେରା ସୁମିତ ଧୀର, ଲିଟୁ ସ୍ୱାଇଁ ଙ୍କ ସମତେ ବହୁ ସଦସ୍ୟ ପୁଜା ରେ ଉପସ୍ଥିତ ରହି ମା ଙ୍କର ଆଶୀର୍ବାଦ ଭିକ୍ଷାଲାଭ ଭାଜନ ହୋଇଥିଲା ବେଳେ ରାଜୀବ ବିଶୋଇ ପୁଜାରେ ମୁଖ୍ୟ ପୁରୋଧା ସାଜିଥିଲେ, ସୋମବାର ଠାରୁ ଶାନ୍ତି ଶୃଙ୍ଖଳା ସହିତ ମା ଙ୍କ ପାଖରେ ପ୍ରତିଦିନ ଅର୍ଣ୍ଣ ଭୋଗ ଏବଂ ସନ୍ଧ୍ୟାରେ ମା ଙ୍କର ଆଳତି ହେବ ବୋଲି ଅନୁଷ୍ଠାନର ସଭାପତି ଶ୍ରୀ ଜେନା କହିଥିଲେ ।

# ମୁଣ୍ଡଲିରେ ସିଆଇଏସ୍ଏଫ୍ ଆନ୍ତଃ ସେକ୍ଟର ଯୋଗ ଚାମ୍ପିୟନସିପ୍ ଉଦ୍‌ଘାଟିତ

ଫୁଲନଖରା,୨୬।୧୦ :(ମନ୍ଥନ) କଟକ ଜିଲ୍ଲାର ମୁଣ୍ଡାଳିସ୍ଥିତ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍ଏଫ୍)ର ଖାରବେଳ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ରର ଉତ୍ସବ ପଡ଼ିଆରେ ସୋମବାର ସିଆଇଏସ୍ଏଫ୍ ଆନ୍ତଃ ସେକ୍ଟର ଯୋଗ କ୍ରୀଡ଼ା ଚାମ୍ପିୟନସିପ୍-୨୦୨୬ର ଭବ୍ୟ ଉଦ୍ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପୁରୁଷ ଓ ମହିଳା ବର୍ଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ସିଆଇଏସ୍ଏଫ୍ର



୧୧ଟି ସେକ୍ଟରର ମୋଟ ୬୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଏହି ଚାମ୍ପିୟନସିପ୍ ଅକ୍ଟୋବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ମୁଣ୍ଡାଳିସ୍ଥିତ ଖାରବେଳ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ରରେ ଚାଲିବ । ଏହି ପ୍ରଶିକ୍ଷଣ କେନ୍ଦ୍ର ପୂର୍ବ ଭାରତର ଏକ ପ୍ରମୁଖ ପ୍ରଶିକ୍ଷଣ ପ୍ରତିଷ୍ଠାନ ଭାବେ ପରିଚିତ । ଏଠାରେ ସିଆଇଏସ୍ଏଫ୍ର ନବନିଯୁକ୍ତ କର୍ମଚାରୀ, କାର୍ଯ୍ୟରତ ଯବାନ ଏବଂ ବିଭିନ୍ନ ରାଜ୍ୟ ପୁଲିସର ନବନିଯୁକ୍ତ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ । ବାହିନୀର ସଦସ୍ୟମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାର ମନୋଭାବ ସୃଷ୍ଟି କରିବା, ପାରସ୍ପରିକ ସହଯୋଗ, ଏକତା ଓ ଭାଇଚାରାକୁ ସୁଦୃଢ଼ କରିବା ଏହି ଚାମ୍ପିୟନସିପ୍ର ମୁଖ୍ୟ ଉଦ୍ଦେଶ୍ୟ । ଏଥିସହ ବିଭିନ୍ନ ସେକ୍ଟରରେ ଲୁକ୍କାୟିତ ଯୋଗ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେବା ଏବଂ ଭବିଷ୍ୟତରେ ସିଆଇଏସ୍ଏଫ୍ ଦଳ ପକ୍ଷରୁ ଜାତୀୟ ଓ ଅନ୍ୟାନ୍ୟ ଯୋଗ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବା ପାଇଁ ଦକ୍ଷ ପ୍ରତିଯୋଗୀ ଚୟନ କରିବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ । ଯୋଗ ଶାରୀରିକ ସୁସ୍ଥତା ସହ ମାନସିକ ଏକାଗ୍ରତା, ଶୃଙ୍ଖଳା ଓ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୋଇଥାଏ । ତେଣୁ ସୁରକ୍ଷା ବଳର କର୍ମଚାରୀଙ୍କ ମଧ୍ୟରେ ଯୋଗ ପ୍ରତି ଆଗ୍ରହ ବଢ଼ାଇବା ଏବଂ କ୍ରୀଡ଼ା କ୍ଷେତ୍ରରେ ନୂତନ ପ୍ରତିଭା ସୃଷ୍ଟି କରିବା ଦିଗରେ ଏହି ଚାମ୍ପିୟନସିପ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି ।

## ଛେଣ୍ଡିପଦାରେ ବନ ବିଭାଗର ଚଢ଼ାଉ

# କୋଶଳା ଗାଈଖାଇ ନିକଟରୁ ଟ୍ରାକ୍ଟର ସହ ୨ ଟନ୍ ବେଆଇନ କାଠ ଜବତ

ଅନୁଗୋଳ,୨୬।୧୦ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଅଞ୍ଚଳରେ ବେଆଇନ କାଠ ଚୋରାଚାଲାଣ ଉପରେ ବନ ବିଭାଗ ପକ୍ଷରୁ ଜୋରଦାର ଚଢାଉ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଏହି ବ୍ଲକ୍ ଅନ୍ତର୍ଗତ କୋଶଳା ଗାଈଖାଇ ଅଞ୍ଚଳରୁ ଏକ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରିଛି ଛେଣ୍ଡିପଦା ବନ ବିଭାଗ । ମିଳିଥିବା ସୂଚନା ଅନୁସାରେ ରବିବାର ଦିନ ପ୍ରାୟ ୧୧ଟା ୫୦ ମିନିଟ୍ ସମୟରେ ଏକ ଟ୍ରାକ୍ଟରରେ ବେଆଇନ



ଭାବେ କାଠ ଚାଲାଣ ହେଉଥିବା ଖବର ପାଇ ବନ ବିଭାଗ ଟିମ୍ କୋଶଳା ଗାଈଖାଇ ଠାରେ ଅତର୍କିତ ଭାବେ ଚଢ଼ାଉ କରିଥିଲା । ଯାଞ୍ଚ ବେଳେ ଟ୍ରାକ୍ଟରରୁ ପ୍ରାୟ ୨ ଟନ୍ ଓଜନର କାଠ ଜବତ କରାଯାଇଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଥିଲେ । ଏହି କାଠ କେଉଁଠାରୁ କେଉଁ ଆଡକୁ ଚାଲାଣ ହେଉଥିଲା ଏହା ପଛରେ କାହାର ହାତ ରହିଛି, ସେ ନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି । ତେବେ ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ଅଫିସର ପ୍ରଶାନ୍ତ କୁମାର ହନୁମାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚଢ଼ାଉରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ସାଧୁତା ଶପଥ ପାଠ

ଅନୁଗୋଳ,୨୬।୧୦ :(ମନ୍ଥନ)ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୬ ତାରିଖଠାରୁ ୧ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ହେଉଛି "ସାଧୁତାରୁ ସମୃଦ୍ଧି" । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ



ସମ୍ମିଳନୀ କକ୍ଷଠାରେଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସାଧୁତା ଶପଥ ପାଠକରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଶ୍ରୀମତୀ ମଧୁସ୍ମିତା ବିଶି, ଡେପୁଟିକଲେକ୍ଟର ଶ୍ରୀମତୀ ପ୍ରିୟଙ୍କା ପାଲ, ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସଞ୍ଜୟ ନାୟକଙ୍କ ସମେତ ଜିଲ୍ଲାକାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ସନମ୍ ସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରତ୍ୟେକକ୍ଷେତ୍ରରେ ସନ୍ତୋଟତା ରକ୍ଷା କରିବା, ଲାଞ୍ଚ ନ ନେବା କିମ୍ବା ନ ଦେବା, ସ୍ୱଚ୍ଛତାର ସହ ଦାୟିତ୍ୱ ନିର୍ବାହକରିବା ଏବଂ ଜନସାଧାରଣଙ୍କ ହିତ ସାଧନ ନିମନ୍ତେ ସମର୍ପିତ ରହିବାକୁ ପ୍ରତିଜ୍ଞା କରାଯାଇଥିଲା ।ଏହା ସହିତ ଅନୁଗୋଳ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନପରିପ୍ରେକ୍ଷୀରେ ସାଧୁତାର ଶପଥ ପାଠ କରାଯାଇଥିଲା ।

# ରେଙ୍ଗଳ ଗ୍ରାମରେ ବିଜେଡି କର୍ମୀ ବୈଠକ ଅନୁଷ୍ଠିତ

ଡେଲାଙ୍ଗ,୨୬।୧୦ :(ମନ୍ଥନ)ଡେଲାଙ୍ଗ ବ୍ଲକର ରେଙ୍ଗଳ ଗ୍ରାମରେ ଥିବା ୪ଟି ୱାର୍ଡରେ ବିଜୁ ଜନତା ଦଳର କର୍ମୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରେଙ୍ଗଳ ଗ୍ରାମ ପଂଚାୟତର ପୂର୍ବତନ ସମିତିସଭ୍ୟ ବିଭୁତୀ ଭୁଷଣ ସାମନ୍ତସିଂହାରଙ୍କ ନେତୃତ୍ୱରେ ବରାହୀ ମନ୍ଦିର ପ୍ରାଙ୍ଗଣରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ରେଙ୍ଗଳ ଗ୍ରାମରେ ବିଜୁ ଜନତା ଦଳର ସଂଗଠନକୁ କିପରୀ ମଜଭୁତ କରାଯିବ ସେ ସମ୍ପର୍କରେ ବିସ୍ତୁତଭାବରେ ଆଲୋଚନା ହୋଇଛି । ଆଗକୁ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ତୃଣମୁଳ ସ୍ତରରେ ବିଜୁ ଜନତା ଦଳକୁ ମଜଭୁତ କରି ସମସ୍ତେ ଏକ ହୋଇ ଲଢିବା ପାଇଁ ସପଥ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧିରେନ୍ଦ୍ର ସାମନ୍ତରାୟ,ହେମନ୍ତ ସ୍ୱାଇଁ , ବନମାଳୀ ସାହୁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ବୈଠକରେ ଅଂଶ ଗ୍ରହଣ କରିଥିଲେ ।

# ସିପିଆଇଏମ ନେତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଗଞ୍ଜାମ,୨୬।୧୦ :(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ନିମୁସୁଳା ଗ୍ରାମରେ ବ୍ରାଞ୍ଚ କମିଟି ସଭ୍ୟ ରଞ୍ଜୁ ପ୍ରଧାନ ଙ୍କ ସଭାପତିତ୍ୱ ରେ ସ୍ୱର୍ଗତ ସାଥୀ ଟଙ୍କିଆ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା କୃଷକ ସଭାର ଗଞ୍ଜାମ ବ୍ଲକ୍ କମିଟି ସଭ୍ୟ ତଥା ସିପିଆଇ(ଏମ )ନିମୁସୁଳା ବ୍ରାଞ୍ଚ ସାଥୀ ଟଙ୍କିଆ ପ୍ରଧାନଙ୍କୁ ଗଞ୍ଜାମ ଆଞ୍ଚଳିକ କମିଟି ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।ଜଙ୍ଗଲ ଜମି ଅଧିକାର ଓ ଆଞ୍ଚଳିକ ସମସ୍ୟାକୁ ନେଇ ଲୋକଙ୍କ ହକ୍ ଓ ଅଧିକାର ପାଇଁ ତାଙ୍କର ସଂଘର୍ଷ ଓ ଅବଦାନ ସଦା ସ୍ମରଣୀୟ ହୋଇ ରହିବ ବୋଲି ଶୋକ



ସଭାରେ ମତ ପ୍ରକାଶ ପାଇଥିଲା ।ଏହି ଶ୍ରଦ୍ଧାଞ୍ଜଳି ଏହି ସାଭରେ ସିପିଆଇଏମ ରାଜ୍ୟକମିଟି ସଭ୍ୟ ତଥା ଦଳିତ ଶୋଷଣ ମୁକ୍ତିମଞ୍ଚ ରାଜ୍ୟ ଆବାହକ ରାମଚନ୍ଦ୍ର ନାୟକ, ଓଡିଶା କୃଷକ ସଭା ସଭାପତି ପି ହରିକୃଷ୍ଣ ରେଡ଼ି, ଗଞ୍ଜାମ ଆଞ୍ଚଳିକ କମିଟି ସଭ୍ୟ ଅଜୟ ଗୌଡ଼, ଓଡିଶା କୃଷକ ସଭା ଜିଲ୍ଲା କମିଟି ସଭ୍ୟ ତଥା ଖଣ୍ଡ ଦେଉଳି ସରପଞ୍ଚ ବୈରାଗୀ ବେହେରା, ଦୁର୍ଯ୍ୟୋଧନ ସ୍ୱାଇଁ, ଉଲ୍ଲାସ ଜେନା, ପଦ୍ମନାଭ ପ୍ରଧାନ, ଭିକାରି ପ୍ରଧାନ, କନକ ପ୍ରଧାନ, ଓଡିଶା କ୍ଷେତ ମଜୁଦୁର ୟୁନିଅନ ର ପଦ୍ମ ପ୍ରଧାନ, ଖଲି ତରାଇ,ରମ୍ଭା ବ୍ରାଞ୍ଚ ସମ୍ପାଦକ ପ୍ରଭାକର ବେହେରା,ସଭ୍ୟ ରଘୁନାଥ ବେହେରା, ନାରାୟଣ ଦାସ, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ ।

# ବ୍ରାହ୍ମଣ ବିଲ ଗ୍ରାମ ଠାରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଓ ରକ୍ତଦାନ ଶିବିର ଅନୁଷ୍ଠିତ

ଛେଣ୍ଡିପଦା,୨୬।୧୦ :(ମନ୍ଥନ) ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ବ୍ଲକ୍ ଅନ୍ତର୍ଗତ ବ୍ରହ୍ମଣବିଲ ଗ୍ରାମ ଠାରେ ମହାଲକ୍ଷ୍ମୀ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଗ୍ରାମର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ଗ୍ରାମବାସୀଙ୍କ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି । ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ଏପରି ଜନକଲ୍ୟାଣମୂଳକ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ । ଏହି ଶିବିରରେ ମୋଟ ୭୫୦ ଜଣ ରୋଗୀ ଚିକିତ୍ସା ସେବା ଗ୍ରହଣ କରିଥିବା ବେଳେ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।ଏହି ମହତ୍ କାର୍ଯ୍ୟରେ ସନ୍ ?ସାଇନ୍ ହସ୍ପିଟାଲ ସମେତ ବିଭିନ୍ନ କର୍ପୋରେଟ ପ୍ରତିଷ୍ଠାନ ସହଯୋଗର ହାତ ବଢ଼ାଇଥିଲେ । ଏହି ସହଯୋଗ ଫଳରେ ଅଞ୍ଚଳବାସୀଙ୍କୁ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ପରାମର୍ଶ ଓ ଚିକିତ୍ସା ସେବା ଯୋଗାଇଦେବା ସମ୍ଭବ ହୋଇପାରିଥିଲା ।କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ଶ୍ରୀ ସୁଦୀପ ଗଡ଼ନାୟକ, ଛେଣ୍ଡିପଦା ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଯଶୋବନ୍ତ ବେହେରା, ବ୍ରହ୍ମଣବିଲ ଗ୍ରାମ ସଭାପତି ଶ୍ରୀ ରବୀନ୍ଦ୍ର



ପ୍ରଧାନ, ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଧଳ ଏବଂ ସମିତି ସଭ୍ୟା ଶ୍ରୀମତୀ ମିନତୀ ସାହୁଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ସମାଜସେବୀ ଯୋଗଦେଇଥିଲେ ।ସ୍ୱାସ୍ଥ୍ୟସେବା ଶିବିରରେ ସନ୍‌ସାଇନ୍ ହସ୍ପିଟାଲର ସ୍ନାୟୁରୋଗ ବିଶେଷଜ୍ଞ , ଅସ୍ଥିଶଲ୍ୟ ବିଶେଷଜ୍ଞ ହୃଦ୍‌ରୋଗ ବିଶେଷଜ୍ଞ ମେଡ଼ିସିନ୍ ବିଶେଷଜ୍ଞ, ଚକ୍ଷୁରୋଗ ବିଶେଷଜ୍ଞ, ଚର୍ମରୋଗ ବିଶେଷଜ୍ଞ, ଫିଜିଓଥେରାପି ବିଶେଷଜ୍ଞ, ଜିନ୍ଦଲ ଷ୍ଟିଲ ପକ୍ଷରୁ ଆୟୁର୍ବେଦିକ ଓ ହୋମିଓପାଥିକ ଡାକ୍ତରମାନେ ଯୋଗଦେଇ ରୋଗୀମାନଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରିଥିଲେ । ଏଥିସହ ଏଗଉଡର ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀମାନେ ମଧ୍ୟ ଶିବିରରେ ସକ୍ରିୟ ସହଯୋଗ କରିଥିଲେ । ଏହି ବହୁ ବିଭାଗୀୟ ସ୍ୱାସ୍ଥ୍ୟସେବା ଶିବିର ମାଧ୍ୟମରେ ଅଞ୍ଚଳବାସୀ ଏକ ସ୍ଥାନରେ ବିଭିନ୍ନ ରୋଗ ସମ୍ପର୍କିତ ବିଶେଷଜ୍ଞଙ୍କ ପରାମର୍ଶ ଓ ଚିକିତ୍ସା ସେବା ପାଇବାର ସୁଯୋଗ ଲାଭ କରିଥିଲେ ।ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳର ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ମାନବସେବାର ମହତ୍ ଆଦର୍ଶକୁ ଆଗେଇ ନେବା ।ଏହି ଅବସରରେ ମହାଲକ୍ଷ୍ମୀ ୟୁଥ୍ କ୍ଲବ୍‌ର ସଭାପତି ଶ୍ରୀ ବିକାଶ ପ୍ରଧାନ, ସମ୍ପାଦକ ଶ୍ରୀ ଶାନ୍ତନୁ ସାହୁ ଏବଂ କ୍ଲବ୍ ?ର ପ୍ରମୁଖ କର୍ମକର୍ତ୍ତା । ଶ୍ରୀ କେଶବାନନ୍ଦ ସାହୁ, ଶ୍ରୀ ସୁନୀଲ ପ୍ରଧାନ, ଶ୍ରୀ ଯଶୋବନ୍ତ ପ୍ରଧାନ, ଶ୍ରୀ ପ୍ରଦୀପ କୁମାର ବେହେରା, ଶ୍ରୀ ବ୍ରଜବନ୍ଧୁ ଦେହୁରୀ, ଶ୍ରୀ ମାନସ ପ୍ରଧାନ, ଶ୍ରୀ ଉମାକାନ୍ତ ପ୍ରଧାନ, ଶ୍ରୀ ବିଜୟ କୁମାର ବେହେରା, ଶ୍ରୀ ଦିଲ୍ଲୀପ କୁମାର ସାହୁ, ଶ୍ରୀ ଦିଲ୍ଲୀପ ସେଠୀ, ଶ୍ରୀ ସୁକାନ୍ତ ପ୍ରଧାନ, ଶ୍ରୀ ସ୍ୱାଗତ ସାହୁ, ଶ୍ରୀ ଗନ୍ଧର୍ବ ସାହୁ, ଶ୍ରୀ ଚିନ୍ମୟ କୁମାର ବେହେରା, ଶ୍ରୀ ସ୍ୱରାଜ ସାହୁ, ଶ୍ରୀ ପ୍ରଦୀପ ସେଠୀ, ଶ୍ରୀ ଆଲୋକ ବେହେରା, ଶ୍ରୀ ଗୋକୁଳାନନ୍ଦ ପ୍ରଧାନ, ଶ୍ରୀ ଲିକୁନ୍ ସାହୁ ଓ ଶ୍ରୀ ଦୀପକ ବେହେରାଙ୍କ ସମେତ କ୍ଲବ୍ ?ର ସମସ୍ତ ସଦସ୍ୟ ଏବଂ ଗ୍ରାମର ସ୍‌ୱେଚ୍‌ଛାସେବୀମାନେ ଶିବିରର ସୁପରିଚାଳନା ଓ ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ ।ଏହି ଜନହିତକର କାର୍ଯ୍ୟକ୍ରମକୁ ସଫଳ କରିବାରେ ଅବଦାନ ରଖିଥିବା ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, ରକ୍ତଦାତା, ସହଯୋଗୀ ପ୍ରତିଷ୍ଠାନ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, କ୍ଲବ୍ ?ର ସଦସ୍ୟ ଏବଂ ଗ୍ରାମବାସୀଙ୍କୁ ମହାଲକ୍ଷ୍ମୀ ୟୁଥ୍ କ୍ଲବ୍ ପକ୍ଷରୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଛି ।

# ଗଙ୍ଗା ଭଗିରଥ ପୂଜା କମିଟିର ସୁନା ମୁକୁଟରେ ଝଲସିଲେ ମା'

କେନ୍ଦ୍ରାପଡ଼ା,୨୬।୧୦ :(ମନ୍ଥନ) ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ତଥା ଐତିହ୍ୟ ସମ୍ପନ୍ନ ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାରେ ପ୍ରସିଦ୍ଧ ଗଙ୍ଗା-ଭଗୀରଥ ପୂଜା କମିଟି ପକ୍ଷରୁ ଏକ ଐତିହାସିକ ତଥା ଭକ୍ତିପୂତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ପୂଜା କମିଟି ନିଜର ଗୌରବମୟ ୮୫ ବର୍ଷ ପୂରଣ କରୁଥିବା ଉପଲକ୍ଷେ ଦେବୀଙ୍କ ଉଦ୍ଦେଶ୍ୟରେ ଏକ ଆକର୍ଷଣୀୟ ସୁବର୍ଣ୍ଣ ମୁକୁଟ ସମର୍ପଣ କରାଯାଇଛି । ଏକ ଭବ୍ୟ ସମାରୋହରେ ଏହି ନୂତନ ସୁନା ମୁକୁଟକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି, ଯାହା ସମଗ୍ର ସହରରେ ଆଧ୍ୟାତ୍ମିକ ଉତ୍ସାହ ଓ ଭକ୍ତିର ପରିବେଶ ସୃଷ୍ଟି କରିଛି । ଏହି ସୁବର୍ଣ୍ଣ ମୁକୁଟ ନିର୍ମାଣ ପାଇଁ ପ୍ରାୟ ୬୦୦ ଗ୍ରାମ ସୁନା ବ୍ୟବହାର କରାଯାଇଛି । କଟକର ପ୍ରସିଦ୍ଧ ମୂର୍ତ୍ତି କାରିଗର ତଥା ଶିଳ୍ପୀ ବସନ୍ତ ବେହେରାଙ୍କ ନିଖୁଣ କାରୁକାର୍ଯ୍ୟ ଏବଂ ସୂକ୍ଷ୍ମ କଳାତ୍ମକ ଦକ୍ଷତାରେ ଏହି ମୁକୁଟଟି ଅତ୍ୟନ୍ତ ନୟନଭରା ଓ ଆକର୍ଷଣୀୟ ହୋଇଛି । ମା'ଙ୍କ ଏହି ସୁବର୍ଣ୍ଣ ମୁକୁଟ ଆଗାମୀ ପୂଜା ମହୋତ୍ସବର ମୁଖ୍ୟ ଆକର୍ଷଣ ପାଲଟିବ ବୋଲି ଶ୍ରଦ୍ଧାଳୁମାନେ ଆଲୋଚନା କରୁଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଏହି ସୁନା ମୁକୁଟକୁ ଶୁଭ ଉନ୍ମୋଚନ କରିଥିଲେ ।

ମହାନ

ମଙ୍ଗଳବାର ୨୭ ଅକ୍ଟୋବର, ୨୦୨୬, ଭୁବନେଶ୍ୱର

Tuesday October 27, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଉତ୍କଳୀୟ ପରମ୍ପରା

ଓଡ଼ିଶାର ସନାତନ ସଂସ୍କୃତି, ପରମ୍ପରା ଏବଂ ପବିତ୍ର ଧାର୍ମିକ ଇତିହାସରେ କାର୍ତ୍ତିକ ମାସ ହେଉଛି ସମସ୍ତ ମାସମାନଙ୍କ ଭିତରେ ସର୍ବଶ୍ରେଷ୍ଠ, ଅତି ପବିତ୍ର ଏବଂ ମହାତ୍ମ୍ୟପୂର୍ଣ୍ଣ ମାସ, ଯାହାକୁ ହିନ୍ଦୁ ଧର୍ମାବଲମ୍ବୀମାନେ ଅତ୍ୟନ୍ତ ଭକ୍ତି, ଶ୍ରଦ୍ଧା, ନିଷ୍ଠା ଓ ଆଧ୍ୟାତ୍ମିକ ଆବେଗର ସହ ପାଳନ କରିଆସୁଛନ୍ତି। ଶାସ୍ତ୍ର ଓ ପୁରାଣର ବର୍ଣ୍ଣନା ଅନୁଯାୟୀ, କାର୍ତ୍ତିକ ମାସ ହେଉଛି ଭଗବାନ ଶ୍ରୀବିଷ୍ଣୁ, ଶ୍ରୀକୃଷ୍ଣ, ପ୍ରଭୁ ଜଗନ୍ନାଥ ଏବଂ ଦେବଦେବ ମହାଦେବ ଶିବଙ୍କର ଅତିପ୍ରିୟ ମାସ, ଯେଉଁଥିପାଇଁ ଏହି ସମଗ୍ର ମାସବ୍ୟାପୀ ବ୍ରତ, ପୂଜା, ଅର୍ଚ୍ଚନା ଏବଂ ସାତ୍ତ୍ୱିକ ଜୀବନଯାତ୍ରା ପ୍ରତ୍ୟେକ ସଚେତନ ଧର୍ମପ୍ରାଣ ବ୍ୟକ୍ତି ପାଇଁ ପରମ କର୍ତ୍ତବ୍ୟ ହୋଇପଡେ। ହିନ୍ଦୁ କ୍ୟାଲେଣ୍ଡର ବା ଚାନ୍ଦ୍ରମାସ ଗଣନା ଅନୁଯାୟୀ ଅଶ୍ୱିନୀ ପୂର୍ଣ୍ଣିମା ଠାରୁ ଆରମ୍ଭ କରି କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ବ୍ୟାପ୍ତ ଏହି ପବିତ୍ର ମାସରେ ପ୍ରାତଃସ୍ମରଣୀୟ ହୋଇ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରିବା, ପବିତ୍ର ନଦୀ, ପୁଷ୍କରିଣୀ କିମ୍ବା ତୀର୍ଥକ୍ଷେତ୍ରରେ ବୁଡ ପକାଇବା ଏବଂ ଭଗବାନଙ୍କ ଆରାଧନା କରିବା ଦ୍ୱାରା ମନ ଓ ଶରୀର ପବିତ୍ର ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଓଡ଼ିଶାରେ କାର୍ତ୍ତିକ ମାସର ମହତ୍ତ୍ୱ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଏବଂ ଅନନ୍ୟ ଅଟେ, କାରଣ ଏହି ମାସରେ ରାଜ୍ୟର ପ୍ରତ୍ୟେକ ଗ୍ରାମ ଓ ସହରର ମନ୍ଦିରଗୁଡିକରେ ହବିଷ୍ୟାନ୍ନ ବ୍ରତଧାରୀ ମାଆ, ଭଉଣୀ ଓ ବୃଦ୍ଧାମାନେ କଠିନ ନିୟମ ପାଳନ କରି ସିଝା ଖାଦ୍ୟ ଗ୍ରହଣ କରିଥାନ୍ତି ଏବଂ ତୁଳସୀ ଚଉରା ମୂଳେ ଦୀପ ଦାନ କରି ସନ୍ଧ୍ୟା ସମୟରେ ହରିନାମ ସଙ୍କୀର୍ତ୍ତନରେ ମଜ୍ଜି ରହିଥାନ୍ତି। କାର୍ତ୍ତିକ ମାସର ପ୍ରତିଦିନର ସକାଳ ଏବଂ ସନ୍ଧ୍ୟା ଏକ ଅଲୌକିକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ, ଯେଉଁଠାରେ ଘରେ ଘରେ ତୁଳସୀ ପୂଜା, ଆକାଶ ଦୀପ ପ୍ରଜ୍ୱଳନ ଏବଂ ପ୍ରଭୁ ଦାମୋଦରଙ୍କ ପୂଜାର୍ଚ୍ଚନା ଦ୍ୱାରା ବାୟୁମଣ୍ଡଳ ପବିତ୍ର ଓ ସୁଗନ୍ଧିତ ହୋଇଉଠେ। ପୁରାଣରେ ବର୍ଣ୍ଣନା କରାଯାଇଛି ଯେ ଯେଉଁ ବ୍ୟକ୍ତି କାର୍ତ୍ତିକ ମାସରେ ନିୟମିତ ଭାବେ ବ୍ରତ ରଖେ ଏବଂ ଅରୁଆ ଚାଉଳ, ମୁଗ ଡାଲି, ସୈନ୍ଧବ ଲବଣ ଏବଂ କିଛି ନିର୍ଦ୍ଦିଷ୍ଟ ପନିପରିବା ନେଇ ପ୍ରସ୍ତୁତ ସାତ୍ତ୍ୱିକ ହବିଷ୍ୟାନ୍ନ ଭୋଜନ ଗ୍ରହଣ କରେ, ତାହାର ସମସ୍ତ ପାପ କ୍ଷୟ ହୋଇଥାଏ ଏବଂ ମୃତ୍ୟୁ ପରେ ପରମ ଗତି ପ୍ରାପ୍ତି ହୋଇଥାଏ। ଏହି ମାସରେ ଆମିଷ ଭକ୍ଷଣ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଥାଏ ଯାହାକି କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ ବରଂ ଶାରୀରିକ ଶୁଦ୍ଧତା, ମାନସିକ ଶାନ୍ତି ଏବଂ ପାଚନକ୍ରିୟାକୁ ସୁସ୍ଥ ରଖିବା ପାଇଁ ଏକ ବୈଜ୍ଞାନିକ ଓ ପ୍ରାକୃତିକ ଦୃଷ୍ଟିକୋଣ ମଧ୍ୟ ଅଟେ। କାର୍ତ୍ତିକ ମାସର ଶେଷ ପାଂଚ ଦିନ ଯାହାକୁ ପଂଚୁକ ବା ଭୀଷ୍ମ ପଂଚୁକ ବୋଲି କୁହାଯାଏ, ତାହାର ମହତ୍ତ୍ୱ ସବୁଠାରୁ ଅଧିକ ଏବଂ ଏହି ପାଂଚ ଦିନ ଧରି ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀ ଶ୍ରୀକ୍ଷେତ୍ରକୁ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ଦର୍ଶନ କରିବା ସହ ଉପବାସ ରହି ନିଜକୁ ଧନ୍ୟ ମନେ କରନ୍ତି। ପୁରୀର ବଡଦାଣ୍ଡ ଏବଂ ଶ୍ରୀ ମନ୍ଦିର ପରିସର କାର୍ତ୍ତିକ ମାସରେ, ବିଶେଷ କରି ପଂଚୁକ ସମୟରେ, ଭକ୍ତିମାନଙ୍କର ଗହଳି ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିବା ଦୃଶ୍ୟ ସନାତନ ସଂସ୍କୃତିର ଏକ ଜୀବନ୍ତ ଓ ଭବ୍ୟ ପ୍ରତିଫଳନ ଅଟେ। କାର୍ତ୍ତିକ ପୂର୍ଣ୍ଣିମା ଦିନ ଓଡ଼ିଶାରେ ପାଳିତ ହେଉଥିବା ପ୍ରସିଦ୍ଧ ବନ୍ଦାପନା ଓ ବୋଇତ ବନ୍ଦାଣ ଉତ୍ସବ ଆମର ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟ, ଗୌରବମୟ ଇତିହାସ ଏବଂ ସାହସିକତାର ସ୍ମୃତିକୁ ଜାଗ୍ରତ କରିଥାଏ, ଯେଉଁଥିରେ ଲୋକମାନେ ସକାଳୁ ଉଠି ନଦୀ କିମ୍ବା ପୋଖରୀରେ କାଗଜ, କଳାକାଠ କିମ୍ବା ମୂଷାକଦଳୀ ଡଙ୍ଗାରେ ଦୀପ, ପାନ, ଗୁଆ ଓ ଫୁଲ ଭସାଇ ନିଜର ପୂର୍ବପୁରୁଷମାନଙ୍କ ସ୍ମୃତିକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି। ଏହି ଐତିହାସିକ ପରମ୍ପରା ଆମକୁ ମନେ ପକାଇଦିଏ ଯେ ପ୍ରାଚୀନ କାଳରେ ଓଡ଼ିଶାର ସାଧବ ପୁଅମାନେ ସମୁଦ୍ର ପାର ହୋଇ ବାଲିବୀ, ଜାଭା, ସୁମାତ୍ରା ଓ ବର୍ଣ୍ଣିଓ ଭଳି ଦୂରଦୂରାନ୍ତ ଦ୍ୱିପାଚଂଳକୁ ବାଣିଜ୍ୟ କରିବା ପାଇଁ ଯାଉଥିଲେ ଏବଂ ଓଡ଼ିଶାର କୀର୍ତ୍ତି ଓ ସୌରଭକୁ ବିଶ୍ୱ ଦରବାରରେ ପ୍ରସାରିତ କରିଥିଲେ। କାର୍ତ୍ତିକ ମାସରେ ଆକାଶରେ ତାରାମଣ୍ଡଳ ଏବଂ ତୁଳସୀ ଚଉରା ପାଖରେ ଜଳୁଥିବା ଆକାଶ ଦୀପର ପ୍ରକାଶ ପ୍ରତ୍ୟେକ ମଣିଷର ଅନ୍ତରର ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ପ୍ରଦାନ କରିଥାଏ ବୋଲି ବିଶ୍ୱାସ କରାଯାଏ, ଯାହାକି ଆମର ପାରମ୍ପରିକ ଜୀବନଚର୍ଯ୍ୟା ଓ ଆଧ୍ୟାତ୍ମିକ ଚିନ୍ତାନାୟକମାନଙ୍କର ଏକ ମହାନ ଅବଦାନ। ଆଜିର ଯାନ୍ତ୍ରିକ ଯୁଗରେ ଯେତେବେଳେ ମଣିଷ ନିଜର ମୂଳ ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବାକୁ ବସିଛି, ସେତେବେଳେ କାର୍ତ୍ତିକ ମାସର ଏହି ପବିତ୍ର ବ୍ରତ ଓ ନୀତିକାନ୍ତି ଆମକୁ ପୁଣିଥାଏ ନିଜର ମାଟି, ମାଆ ଏବଂ ସନାତନ ଧର୍ମର ଗଭୀର ମୂଲ୍ୟବୋଧ ସହ ଯୋଡି ହୋଇରହିବା ପାଇଁ ପ୍ରେରଣା ଯୋଗାଇଥାଏ। ତେଣୁ ପ୍ରତ୍ୟେକ ଓଡ଼ିଆ ତଥା ହିନ୍ଦୁ ଧର୍ମପ୍ରାଣ ବ୍ୟକ୍ତିଙ୍କ ପାଇଁ କାର୍ତ୍ତିକ ମାସ କେବଳ ଏକ ପର୍ବ ପର୍ବାଣୀ ନୁହେଁ, ବରଂ ଏହା ଆତ୍ମଶୁଦ୍ଧି, ପରିବେଶ ପ୍ରେମ, ସାମାଜିକ ଶୃଙ୍ଖଳା ଏବଂ ଈଶ୍ୱର ବିଶ୍ୱାସୀ ଏକ ମହାନ ସଂଗମ ଅଟେ, ଯାହାକୁ ଆମେ ସର୍ବଦା ରକ୍ଷା କରିବା ଏବଂ ଆଗାମୀ ପିଢି ପାଇଁ ଏହାର ମହତ୍ତ୍ୱକୁ ଜୀବନ୍ତ ରଖିବା ଆଜିର ସମୟରେ ସବୁଠାରୁ ବଡ ଦାୟିତ୍ୱ। ଓଡ଼ିଶାର ପ୍ରତ୍ୟେକ ଗ୍ରାମାଚଂଳରେ ଏହି ମାସରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ମନ୍ଦିରମାନଙ୍କରେ ଭାବଗତ ପାଠ, ପୁରାଣ ଆବୃତି ଏବଂ ହରିକଥା କୀର୍ତ୍ତନର ଆୟୋଜନ କରାଯାଇଥାଏ, ଯାହାକି ଗ୍ରାମର ସମସ୍ତ ଜନସାଧାରଣଙ୍କୁ ଏକାଠି କରି ଭାତୃଭାବ ଓ ସାମାଜିକ ଏକତାକୁ ଦୃଢୀଭୂତ କରିଥାଏ। କାର୍ତ୍ତିକ ମାସର ପ୍ରତିଟି ଦିନର ବିଶେଷ ମାହାତ୍ମ୍ୟ ରହିଛି ଏବଂ ଏହି ମାସରେ ବିଶେଷ କରି କାର୍ତ୍ତିକ ପୂର୍ଣ୍ଣିମା ଦିନ ସୂର୍ଯ୍ୟୋଦୟ ପୂର୍ବରୁ ସମୁଦ୍ର କିମ୍ବା ନଦୀରେ ସ୍ନାନ କରିବା ପାଇଁ ଓଡ଼ିଶାର କୋଣସୁକୋଣରୁ ଲକ୍ଷାଧିକ ଲୋକ ଉପକୂଳବର୍ତ୍ତୀ ଅଂଚଳ ଏବଂ ପବିତ୍ର ନଦୀଘାଟମାନଙ୍କରେ ସମବେତ ହୋଇଥାନ୍ତି। ଏହି ପବିତ୍ର ମାସରେ ରାଧାଦାମୋଦର ପୂଜା ଏବଂ ତୁଳସୀ ବିବାହର ମଧ୍ୟ ଏକ ବିଶେଷ ସ୍ଥାନ ରହିଛି, ଯାହାକି କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ଅତ୍ୟନ୍ତ ଆଡମ୍ବର ଓ ଭକ୍ତିର ସହ ପାଳିତ ହୋଇଥାଏ ଏବଂ ଏହି ଦିନ ଘରେ ଘରେ ତୁଳସୀ ଗଛକୁ ସୁନ୍ଦର ଭାବେ ସଜ୍ଜିତ କରାଯାଇ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଶାସ୍ତ୍ରରେ କୁହାଯାଇଛି ଯେ କାର୍ତ୍ତିକ ମାସରେ ଯେଉଁ ବ୍ୟକ୍ତି ଗାଈକୁ ଗ୍ରାସ ପ୍ରଦାନ କରେ, ଅସହାୟ ଓ ଦରିଦ୍ରମାନଙ୍କୁ ଦାନ କରେ ଏବଂ ବ୍ରାହ୍ମଣମାନଙ୍କୁ ଭୋଜନ କରାଏ, ତାହାର ଜୀବନର ସମସ୍ତ କଷ୍ଟ ଦୂର ହୋଇଯାଏ ଏବଂ ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରାପ୍ତି ହୋଇଥାଏ। ଆମର ପୂର୍ବପୁରୁଷମାନେ ଏହି ମାସକୁ ଏପରି ଏକ ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଶୃଙ୍ଖଳା ମଧ୍ୟରେ ବାନ୍ଧିଥିଲେ ଯାହାଫଳରେ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ଏବଂ ବର୍ଷାଋତୁ ପରେ ପରେ ଆସୁଥିବା ଶୀତଋତୁର ପରିବର୍ତ୍ତନକୁ ଶରୀର ସହଜରେ ଗ୍ରହଣ କରିପାରିଥାଏ। କାର୍ତ୍ତିକ ମାସରେ ରାତିରେ ଆକାଶ ଦୀପ ଜଳାଇବା ପରମ୍ପରା ପଛରେ ପିତୃପୁରୁଷମାନଙ୍କୁ ମାର୍ଗ ଦର୍ଶନ କରାଇବାର ଏକ ଦିବ୍ୟ ଭାବନା ରହିଛି, ଯାହାକି ଆମର ପ୍ରାଚୀନ ସଂସ୍କୃତିର ମହାନତାକୁ ପ୍ରମାଣିତ କରିଥାଏ। ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଏବଂ ବୈଷ୍ଣବପୀଠମାନଙ୍କରେ ଏହି ମାସରେ ପ୍ରବଳ ଭକ୍ତଙ୍କ ଭିଡ ଜମିଥାଏ ଏବଂ ସମଗ୍ର ରାଜ୍ୟରେ ଏକ ଅପୂର୍ବ ଆଧ୍ୟାତ୍ମିକ ଓ ଧାର୍ମିକ ବାତାବରଣ ଦେଖିବାକୁ ମିଳିଥାଏ। ତେଣୁ କାର୍ତ୍ତିକ ମାସର ଏହି ପବିତ୍ର ପରମ୍ପରାକୁ ବଂଚାଇ ରଖିବା ଏବଂ ଏହାର ପ୍ରକୃତ ମହତ୍ତ୍ୱକୁ ବୁଝିବା ଆଜିର ଯୁବପିଢି ପାଇଁ ଅତ୍ୟନ୍ତ ଜରୁରୀ ଅଟେ, ଯାହା ଦ୍ୱାରା ଆମର ଭାରତୀୟ ସଂସ୍କୃତି ଓ ଓଡ଼ିଆ ଜାତିର ଗୌରବ ସଦାସର୍ବଦା ଅକ୍ଷୁର୍ଣ୍ଣ ରହିପାରିବ। ସନାତନ ଧର୍ମରେ କାର୍ତ୍ତିକ ମାସକୁ ସମସ୍ତ ବ୍ରତ ମଧ୍ୟରେ ରାଜା ବୋଲି ବିବେଚନା କରାଯାଇଛି, କାରଣ ଏହି ମାସରେ କରାଯାଉଥିବା ଛୋଟରୁ ଛୋଟ ପୂଜାପାଠ ଏବଂ ସତ୍କର୍ମ ମଧ୍ୟ ଅନନ୍ତ ପୁଣ୍ୟ ପ୍ରଦାନ କରିଥାଏ ବୋଲି ପୁରାଣରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଓଡ଼ିଶାର ପ୍ରତ୍ୟେକ ନାରୀ ଏହି ମାସରେ ପ୍ରାତଃକାଳରୁ ଉଠି ସ୍ନାନ ସାରି ନିଷ୍ଠାର ସହ ପୂଜାର୍ଚ୍ଚନା କରିଥାନ୍ତି, ଯାହାକି ପରିବାରର କଲ୍ୟାଣ ଏବଂ ମଙ୍ଗଳ କାମନା ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ।

# ପାଣି ପ୍ରଣତି : ଗଣକବି ବୈଷ୍ଣବ ପାଣି

ନାଟ୍ୟସାରଥି ଅଭୟ କୁମାର ଦାସ

ପାଞ୍ଚ ଦଶନ୍ଧି ଧରି ଓଡ଼ିଆ ଜାତିକୁ ଗୀତି ନାଟ୍ୟ ସଂସ୍କୃତି ସହ ସାମାଜିକ ଓ ଆତ୍ମିକ ସ୍ଥିତି ନିର୍ଣ୍ଣୟ କରିଥିବା ଅନନ୍ୟ ରୂପକାର ହେଉଛନ୍ତି ଗଣକବି ବୈଷ୍ଣବ ପାଣି । ପାରମ୍ପରିକ କଥାବସ୍ତୁର ନୂତନ ପରିବେଷଣ ସହ ପୁରାଣ ପ୍ରଭାମଣ୍ଡିତ ଚିନ୍ତା ଓ ଚେତନା ସାମ୍ପ୍ରତିକ ସମାଜ ପାଇଁ ସେ ତାଙ୍କ ଲେଖନୀ ଦ୍ୱାରା ଦିଗ୍‌ଦର୍ଶନ ଦେଇଛନ୍ତି । ୧୮୮୨ ମସିହାରେ କଟକ ଜିଲ୍ଲା ମାହାଙ୍ଗା ଥାନା କୋଠପଦା ଗ୍ରାମରେ ଜନ୍ମ ଗ୍ରହଣ କରି ଗୀତିନାଟ୍ୟ, ଗୀତାଭିନୟ ଓ ଯାତ୍ରା ପ୍ରଭୃତି ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ରଚନା କରିଯାଇଛନ୍ତି । କେବଳ ସେତିକି ନୁହେଁ ଭାଗବତ ଭଜନମାଳା, ଜଣାଣ ମାଳିକା, ଜଗନ୍ନାଥ ଜଣାଣ, ସ୍ତୁତି ମାଳିକା, ଅବଧୂତ ଭଜନ ସହ ଶ୍ରୀନୀଳାଚଳ ସର୍ବ ଦେବଦେବୀ ଜଣାଣ ଇତ୍ୟାଦି କ୍ଷୁଦ୍ର ପୁସ୍ତିକା ଆଧାରରେ ଉକ୍ତ ନିର୍ବାଚିତ ଗୀତି କବିତାର ସଂକଳନ କରିଯାଇଛନ୍ତି । ପାଣି କବିଙ୍କ ବେପରୁଆ, ହେତୁବାଦୀ ଜୀବନଧାରା ପରି ଭକ୍ତି ସଙ୍ଗୀତ ସମୂହରେ ଶବ୍ଦ ଓ ଭାବସଂଯୋଜନା କ୍ଷେତ୍ରରେ ଅକୁତୋଭୟତା ଅଭିବ୍ୟକ୍ତ ହୋଇଛି । ଦେବ ଦେବୀ ଆମର କେବଳ ଧ୍ୟେୟ ନୁହନ୍ତି, ଅଭିଯୋଗର ପାତ୍ର । ଆତ୍ମୀୟ ଭାବରେ ଆମେ ତାଙ୍କ ବିରୋଧରେ ଅନୁଯୋଗ ଆଣିପାରୁ, ଅଭିମାନ କରିପାରୁ, ଆହାର-ନିଦ୍ରା-ମୈଥୁନ ଭଳି ପାଶବିକ ପ୍ରବୃତ୍ତିଧାରୀ ମାନବ ଦେବ-ସାନ୍ନିଧ୍ୟ ପାଇଁ ଉପାସନାର ଉପାଦାନ ବା ଉପଚାର ଭାବରେ କେବଳ ନୁହେଁ, ଆଧ୍ୟାତ୍ମିକତାର ଆବାହନ ଲକ୍ଷ୍ୟରେ ଭକ୍ତିଗୀତିର ସହାୟତା ନିଏ । ଦେବତା ସାହଚାର୍ଯ୍ୟ ପାଇଁ ଆଚାର ବିଚାରରେ ଦେବତ୍ୱ ପ୍ରକାଶ ଲୋଡ଼ା, ଉପଚାରର ଭୂମିକା ନଗଣ୍ୟ । ପାଣି କବି ବାଣୀ - ଯେବେ ମନ ନିରିମଳରେ ମାଳ ତିଳକ ଜପି କି ଫଳ ? ଜଗନ୍ନାଥଙ୍କ ଜଣାଣରେ ସେ ଲେଖିଛନ୍ତି 'ରେ ଧରମଛଡ଼ା ପରଘରବୁଡ଼ା ଅଟୁ ଏଡ଼େ ବିଟାଳିଆ, ମୋହରି କଟାଳ ଟାଳିଲୁ କାହିଁକି କଦମ୍ବଫୁଲ - ତୋଳିଆ । ଧନ ଯାଚି ଦେଇ କିପାଞ୍ଚ ଛଡ଼ାଇ ନେଲୁ ଶିଖଣ୍ଡିଚୂଳିଆ, ଚାରିଯୁଗେ ତୁ ତ ଦଣ୍ଡ ଅପହାରୀ ବରଜସୁତ ମେଳିଆ । ଶବରୀ ଅଇଣ୍ଠା ଚଟା ହଟହଟା ଦକ୍ଷିଣ ସିନ୍ଧୁ କୂଳିଆ, ବଡ଼ ଆଖି ଜଡ଼ ବହିଚୁ କାହିଁକି ଖଣ୍ଡ ଘାଟ ଜଗାଳିଆ, ଠକିଖିଆ ଖୋଇ ଠିକି ଯିବ ଦିନେ ବଳିଷ୍ଟ ବଳି ଛଳିଆ, ବଇଷ୍ଣବ କ ହେ ମୁହିଁ କି ସଂସାରେ ଏକା ହୀନ କପାଳିଆ' ।

ଦେବତାର ମାନବାୟନ ପାଣି ସାହିତ୍ୟର ସାରସମ୍ପଦ । ଆତ୍ମୀୟସ୍ୱରରେ ସେ ତାଙ୍କ କାଳଜୟୀ ରଚନାରେ ଲେଖିଛନ୍ତି 'ଛାଡ଼ ମାଡ଼ ଖିଆ ବୁଦ୍ଧି ହେ, ବଡ଼ ଦେଉଳ ବଡ଼ ଗୋସାଇଁ । ଯେ ମାଇଲା ମାଡ଼ ସେ ହୋଇଲା ବଡ଼ ବାଡ଼ ହେଲୁ ତାକୁ ତୁହି । ମାଡୁଆ ମୋହନ ମାଡ଼ି ବିନୁ ଆନ ଯୋଗ ତୋ କରମେ କାହିଁ । ବଇଷ୍ଣବ ଭକ୍ତି କଡ଼ିଆ ଧରିଛି କରେ ଲଗାଇବା ପାଇଁ ।' ବହୁ ସମକାଳୀନ ସାମାଜିକ ସମସ୍ୟା ତାଙ୍କ ରଚନାରେ ସୂଚିତ ଓ ସେ ହାସ୍ୟରସର ବହୁଳ ପ୍ରୟୋଗ କରିଛନ୍ତି । ତାଙ୍କର ନୁହେଁ ପେଟ ପୋଷା ପେଷାରେ ସେ ଲେଖିଛନ୍ତି 'ନୁହେଁ ପେଟ ପୋଷା ପେଷା ବ୍ରହ୍ମଜ୍ଞାନ ଶୁଣାନାହିଁ ପୁରାଣରେ । ଲାଗେ ନାହିଁ ଟଙ୍କା ସୁନାରେ ଅଜ୍ଞାନ କିମ୍ବା ଡର ମରଣରେ । ନିର୍ବିକାର ବ୍ରହ୍ମଧ୍ୟାନ କରି ତୁମ୍ଭ ବିକାର ତ ଛାଡୁନାହିଁ, ବଇଷ୍ଣବ ବୋଲେ ବ୍ରହ୍ମକୁ ଭଣ୍ଡୁଛ ତୁଣ୍ଡେ ବ୍ରହ୍ମଜ୍ଞାନ କହି ।' ସାଧାରଣ ଜନତାର ମନୋରଞ୍ଜନ ଓ ଜ୍ଞାନର ବିକାଶ ପାଣି ଗୀତି ନାଟ୍ୟର ମୁଖ୍ୟ ଆଭିମୁଖ୍ୟ ହେଲେ ହେଁ ସଙ୍ଗୀତ ଓ ନାଟ୍ୟ ମାଧ୍ୟମରେ ନବରସ ପରିବେଷଣ ବୈଷ୍ଣବଙ୍କ ବୈଶିଷ୍ଟ୍ୟ । ନବରସ ମଧ୍ୟରେ ଅନ୍ତତଃ ପ୍ରମୁଖ ଶାନ୍ତରସ ଉଦ୍‌ବୋଧନରେ ପାଣି ପଟୁତା ପ୍ରଦର୍ଶନ କରିଛନ୍ତି । ଭକ୍ତିଭାବ ପରିପୋଷକ ଲୀଳା (ରାମ-କୃଷ୍ଣ-ଚୈତନ୍ୟ-ଜଗନ୍ନାଥ ପ୍ରମୁଖଙ୍କ) ବ୍ୟାଖ୍ୟାନ ଓ ଆତ୍ମୋପଲବ୍ଧି ଓ ହିନ୍ଦୁ ସମାଜର ଆଧ୍ୟାତ୍ମିକ ଉନ୍ନତି ପାଇଁ ସେ ବହୁ ସଂଖ୍ୟକ ଭଜନ - ଜଣାଣ - ଚଉତିଶା ଓ ଷୋଡ଼ଶା ଆଦି କ୍ଷୁଦ୍ର କବିତା ରଚନା କରିଛନ୍ତି । ରାଗରାଗିଣୀ ଏବଂ ସ୍ୱରଚିତ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ କବିଙ୍କ ପ୍ରଚଳିତ ବୃତ୍ତି□ନିର୍ଦ୍ଦେଶ ପୂର୍ବକ କ୍ଷୁଦ୍ର ଗୀତିଗ୍ରନ୍ଥ ଆପଣା ଜୀବନକାଳ ମଧ୍ୟରେ ପ୍ରକାଶ - ପ୍ରଚାର ଓ ପ୍ରସାର କରାଇଛନ୍ତି ।

ସକଳ ରଚନାରେ କବିତ୍ୱର କୂଳପ୍ଲାବନ ପରିଲକ୍ଷିତ ହୁଏ । କବି ତାଙ୍କର ତୋଟା ମୂଲାଉ ଗୋଟାଇ ପତରରେ ଲେଖିଛନ୍ତି 'ଏଡ଼େ ମୋଟା ବୁଦ୍ଧିଆ ତୁ ମୋର ରେ, ନ ମାନୁ ଗିର । ତୋଟା ମୂଲାଉ ଗୋଟାଇଣ ପତର ରେ । ଗୋଟା ଘରେ ମାଲିକ ହେଲେ ସତର । ସେ ଘର ଚୂନା ହେବା କେତେ ମାତର ।' ଉଚ୍ଚକୋଟୀର ଗୀତିକାବ୍ୟର ସମସ୍ତ ଲକ୍ଷଣ ଯଥା ସଂକ୍ଷିପ୍ତତା, ସାବଲୀଳତା, ଗୀତିମୟତା ଓ ଏକମୁଖୀନତା ସର୍ବତ୍ର ସଂଚାରିତ । ନାଟକୀୟ ସଂଳାପଧର୍ମିତା ଅଧିକାଂଶ ଭଜନ - ଜଣାଣରେ ସଂରକ୍ଷିତ । ଏଇ ଯେପରି - 'କଲୁ ଦୁନିଆଁଟା ଦୁଇଭଳିଆ, ରେ ବାଙ୍କଚୂଳିଆ, ଦେଖ ପଣ ପଣ ବାହାର ଚିକ୍‌କଣ ଭିତର ନିପଟ କାଳିଆରେ ।' (ପର୍ଶୁରାମ ମାତୃହତ୍ୟା) । ସେହିପରି ଲା□ଆ ନୁହେଁ ମୋ ଦିଅଁରେ ସେ ଲେଖିଛନ୍ତି 'ଲାଞ୍ଚୁଆ ନୁହେଁ ମୋ ଦିଅଁରେ ମନ ତୁ ପାଛିଆ ଯାଚିଲେ ଟଙ୍କା, ତୁଳସୀକି ବିଛୁଆତି କହିଦେବ ମିଛୁଆଙ୍କୁ ଦେବ ଦେଖା । ଖଚ୍ଚୁଆ ମିଚ୍ଛୁଆ ସଞ୍ଚୁଆଙ୍କର ସେ ଧାରେନାରେ କିଛି ଦେଖ, ଲାଞ୍ଚୁଆ ବଇଆ ପଚ୍ଛୁଆ ହୋଇ ତା କାଳେ କାଳେ ମାଗୁ ଭିକ ।' ଜନମାନସରେ ଗଣକବି ବୈଷ୍ଣବ ପାଣିଙ୍କ କାଳଜୟୀ ରଚନା ଚିର ଅମର ହୋଇରହିଛି । ଗଣକବିଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପୂର୍ବକ ତାଙ୍କରି ଅମର ରଚନା 'ଯାହା କରିଗଲେ ତୋତେ ଭାବିବ ଦୁନିଆଁ ତାହା ଯାଇଥାଆ କରି ମରିଯିବୁ ଯେବେ କାନ୍ଦିବେ ସରବେ ନୟନୁଁ ବୁହାଇ ବାରି ।'

**ଗୋଟରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

# ଲିପଷ୍ଟିକ୍

ଅପର୍ଣ୍ଣା ନାୟକ

ସୌନ୍ଦର୍ଯ୍ୟ ତାହା ପୁଣି ବିନା ଲିପଷ୍ଟିକରେ!! ଚୋରା ମାଦକତା ଚାହାଣୀ ଭିତରେ ଲିପଷ୍ଟିକ ପୁଲକିତ କରେ ମନପ୍ରାଣ। ଲିପଷ୍ଟିକର ଇତିହାସ ସମ୍ପର୍କରେ ଠିକ ତଥ୍ୟ ମିଳେନା। ତେବେ କିଛି ତଥ୍ୟାନୁସାରେ ପ୍ରାୟ ୫୦୦ ବର୍ଷ ପୂର୍ବେ ପୃଥିବୀର ସବୁଠାରୁ ପ୍ରାଚୀନ ସଭ୍ୟତା ଭାବେ ପରିଚିତ ସୁମେରୀୟ ସଭ୍ୟତାର ପୁରୁଷ ଓ ମହିଳାମାନେ ଦାମୀ ରତ୍ନକୁ ଗୁଣ୍ଡ କରି ଓଠରେ ଲଗାଉଥିଲେ। ତା ସହ ଫଳ ଓ ପତ୍ରକୁ ପେଷ୍ଟ କରି ବି ଓଠରେ ଲଗାଉଥିଲେ। ଏହାବାଦ ଆଉ କିଛି ତଥ୍ୟାନୁସାରେ ସିନ୍ଧୁ ସଭ୍ୟତାରେ ମହିଳାମାନେ ଗେରୁର ଆୟତାକାର ଖଣ୍ଡକୁ ଲିପଷ୍ଟିକ ଭାବେ ବ୍ୟବହାର କରୁଥିଲେ। ମହର୍ଷି ବାତ୍ସାୟନଙ୍କ ଦ୍ୱାରା ରଚିତ ଭାରତର ପ୍ରାଚୀନ କାମଶାସ୍ତ୍ର, କାମ ସୂତ୍ରରେ ବି ଲାଲ ରଙ୍ଗର ଲାଖ ଓ ମହମରେ ତିଆରି ରଙ୍ଗରେ ଓଠକୁ ରଙ୍ଗେଇବାର ବର୍ଣ୍ଣନା ରହିଛି। କୁହାଯାଏ ଅଷ୍ଟ୍ରେଲିଆର ଆଦିବାସୀ ଝିଅମାନେ ଶୃଙ୍ଗାର ପାଇଁ ଚେହେରାକୁ ଗେରୁରେ ରଙ୍ଗାଉଥିଲେ। ଅନ୍ୟପକ୍ଷରେ ଏହା ବି ଜଣା ପଡ଼ିଛି ଯେ ଇଜିପ୍ଟରେ ମହିଳାମାନେ ଏକ ପ୍ରକାରର ପୋକକୁ ମାରି ଓଠକୁ ଲାଲ ରଙ୍ଗରେ ରଙ୍ଗାଉଥିଲେ। ମିଶରରେ ତ ଶକ୍ତିଶାଳୀ ଓ ଧନୀ ମହିଳାମାନେ ହିଁ ଲିପଷ୍ଟିକ୍‌ର ବ୍ୟବହାର କରୁଥିଲେ। ମିଶରରେ କୋଚିନଲ ପୋକରୁ କାରାମାଇନ ଡାଇ ବାହାର କରି ଲିପଷ୍ଟିକରେ ବ୍ୟବହାର କରୁଥିଲେ। ଏବେ ବି ଲିପଷ୍ଟିକ ଓ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀରେ କାରମାଇନ ଡାଇର ବ୍ୟବହାର ହେଉଛି। ଏହାବାଦ ଏହା ବି କୁହାଯାଏ ମିଶରରେ ଲିପଷ୍ଟିକ ତିଆରି କରିବା ପାଇଁ ଲିଡ୍ ଓ ବ୍ରୋମାଇନ ମାନାଇଟ ଓ ଆୟୋଡିନ ଭଳି ସ୍ୱାସ୍ଥ୍ୟ ପ୍ରତି ହାନିକାରକ ପଦାର୍ଥର ବ୍ୟବହାର କରାଯାଉଥିଲା।

ଅଷ୍ଟମ ଓ ନବମ ଶତାବ୍ଦୀରେ ଅବୁଲ କାସିମ ଅଲ ଜହରବୀ ନାମକ ଜଣେ ହକିମ ଯାହାଙ୍କୁ ମଧ୍ୟ ଯୁଗର ବଡ଼ ସର୍ଜନ ଭାବେ ଗଣନା କରାଯାଏ, ସେ ଓଠକୁ ସୁରକ୍ଷିତ ରଖିବା ପାଇଁ ଏକ ପ୍ରକାର ଶକ୍ତ ଲିପଷ୍ଟିକ୍ ତିଆରି କରିଥିଲେ। ହେଲେ ଏହାକୁ ସାମାଜିକ ମାନ୍ୟତା ମିଳିନଥିଲା। ବିଶ୍ୱାସ କରାଯାଏ ମହମର ଲିପଷ୍ଟିକ ଏକ ହଜାର ବର୍ଷ ପୂର୍ବେ ଚାଇନାରେ ଆରମ୍ଭ ହୋଇଥିଲା। ଓଠ ନରମ ତ୍ୱଚାକୁ ରକ୍ଷା କରିବା ପାଇଁ ସେମାନେ ମହମରେ ଲିପଷ୍ଟିକ ତିଆରି କରିଥିଲେ। ଜାପାନରେ ମହିଳାମାନେ ହେଭି ମେକଅପ ସହ ଟାର ଓ ବି ୱାକ୍ସରେ ତିଆରି ଡାର୍କ ଲିପଷ୍ଟିକ ଲଗାଉଥିଲେ। ତେବେ ଗ୍ରୀକ ସାମ୍ରାଜ୍ୟରେ ଲିପଷ୍ଟିକ ଲଗାଇବାକୁ ବେଶ୍ୟାବୃତ୍ତି ସହ ଯୋଡ଼ା ଯାଉଥିଲା। ୟୁରୋପରେ ବି ଲିପଷ୍ଟିକ ଲଗାଇବା ଖରାପ ବୋଲି କୁହାଯାଉଥିଲା। ଏଠାକାର ଲୋକେ ଲିପଷ୍ଟିକ ଲଗାଉଥିବା ମହିଳାଙ୍କୁ ଡାହାଣୀ ବୋଲି ମଣୁଥିଲେ ଓ ଲିପଷ୍ଟିକ ଉପରେ କଟକଣା ଲଗାଯାଉଥିଲା। ଇଂଲଣ୍ଡରେ ଲିପଷ୍ଟିକର ଲୋକପ୍ରିୟତା ସେତେବେଳେ ବଢ଼ିଲା ଯେବେ ଷୋଡଶ ଶତାବ୍ଦୀରେ ଇଂଲଣ୍ଡର ରାଣୀ ଏଲିଜାବେଥ ନିଜ ଓଠକୁ ଲାଲ ରଙ୍ଗରେ ରଙ୍ଗାଇବା ଆରମ୍ଭ କଲେ। ଏହି ଲାଲ ରଙ୍ଗର ଲିପଷ୍ଟିକ ମହମ ଓ ଫୁଲରଙ୍ଗକୁ ମିଶାଇ ତିଆରି କରାଯାଉଥିଲା। ଏହା କେବଳ କିଛି ଧନୀକ ମହିଳା ଏବଂ ଅଭିନେତ୍ରୀଙ୍କ ପର୍ଯ୍ୟନ୍ତ ସୀମିତ ଥିଲା।

୧୮୭୦ ମସିହାରେ ଇରାନ, ପର୍ସିଆର, ମାଲସନ ଗୁଏଲେନ ପ୍ରଥମ ଲିପଷ୍ଟିକ ତିଆରି କରିଥିଲେ। ତା ସହ ଲିପଷ୍ଟିକକୁ ବହୁଳ ମାତ୍ରାରେ ପ୍ରସ୍ତୁତ କରିବାର ଭାର ସର୍ବପ୍ରଥମେ ଉନବିଂଶ ଶତାବ୍ଦୀର ଅନ୍ତରେ ଗୁଏଲେନ୍ ହିଁ ଉଠାଇଥିଲେ। ଏହି ଲିପଷ୍ଟିକ ହରିଣର ଚର୍ବି, ମହୁମାଛି ୱାକ୍ସ ଓ ଜଡ଼ାତେଲ ମିଶାଇ ତିଆରି କରାଯାଉଥିଲା ଓ ଏକ ରେଶମର କାଗଜରେ ଗୁଡ଼ାଯାଉଥିଲା। ୧୯୨୦ ମସିହା ବେଳକୁ ଲିପଷ୍ଟିକ ମହିଳାଙ୍କ ଜୀବନର ଅଙ୍ଗ ପାଲଟିଗଲା। ଏହାପରେ ଆସିଲା ଆଧୁନିକ ଲିପଷ୍ଟିକର ଯୁଗ। ୧୯୨୩ ମସିହାରେ ଜେମ୍ସ ବ୍ରୁସ ମେସନ ଜୁନିୟର ସ୍ୱିୱେଲ ଟ୍ୟୁବ ତିଆରି କରି ଲିପଷ୍ଟିକକୁ ନୂଆ ରୂପ ଦେଇଥିଲେ। ସାରା ପୃଥିବୀରେ ଲିପଷ୍ଟିକକୁ ଲୋକପ୍ରିୟ କରାଇବାର ଶ୍ରେୟରେ ଗ୍ରେସ କେଲୀ, ମର୍ଲିନ ମୁନରୋ, ଆଡ୍ରେ ହେପବର୍ନ, ଏଲିଜାବେଥ ଟେଲର ଭଳି ହଲିଉଡ ଗ୍ଲାମ ଆଇକନଙ୍କୁ ଦିଆଯାଏ। ଏହାପରେ ଧୀରେ ଧୀରେ ଲିପଷ୍ଟିକ ସାରା ପୃଥିବୀର ମହିଳାଙ୍କର ଏହା ଏକ ମୁଖ୍ୟ ପ୍ରସାଧନ ସାମଗ୍ରୀ ପାଲଟିଗଲା।

ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬
E-mail :
jajatikeshari991@gmail.com

# ଦୂରେଇବା ପ୍ଲାଷ୍ଟିକ ଓ ମୂର୍ତ୍ତି ରଙ୍ଗ

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ଆଗକୁ ଦୀପାବଳି, କାଳୀ ପୂଜା, ଗଜଲକ୍ଷ୍ମୀ ପୂଜା ଆଉ ବାଲିଯାତ୍ରା। ସଂପ୍ରତି ମୂର୍ତ୍ତିକାରିଗରୀରେ କେବଳ ବିଷାକ୍ତ ରଙ୍ଗ ନୁହେଁ ମୂର୍ତ୍ତି ତିଆରି ପ୍ରସ୍ତୁତିରେ ବ୍ୟାପକ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ହେଉଛି। ଏହା ଆମ ସମସ୍ତଙ୍କ ପାଇଁ ଘାତକ। ସଚେତନତାକୁ ବ୍ୟାପକ କରିବା ସହ ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଲୋଡ଼ା। ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ସହ, ଗଛ ଲଗାଇବା ଓ ଟ୍ରାଫିକ ନିୟମ ମାନିବା ସହ ହଜାର ବର୍ଷର ପରିଚୟର ସମୃଦ୍ଧ କଟକ ସହରର ପାର୍ବଣରେ ଡିଜେମୁକ୍ତ ରୋଷଣି, ନିଶାମୁକ୍ତ ଭଷାଣି ଓ ପ୍ଲାଷ୍ଟିକ ମୁକ୍ତ ପୂଜା ପାଇଁ ନିକଟରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ନିବେଦନ କରାଯାଇଛି।

ଖୁଦୁରୁକୁଣୀ, ଗଣେଶ ପୂଜା, ବିଶ୍ୱକର୍ମ ପୂଜା, ସରସ୍ୱତୀ ପୂଜା, ଦଶହରା, ଦୀପାବଳୀ ପଛକୁ ପଛ ବାଲିଯାତ୍ରାରେ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରି ହୋଇଥାଏ । ଆଉ ଏହି ମୂର୍ତ୍ତିରେ ବ୍ୟବହାର କରାଯାଉଥିବା ରାସାୟନିକ ରଙ୍ଗ ବ୍ୟାପକ ଜଳ ସମ୍ପଦକୁ ପ୍ରଦୂଷିତ କରିବା ସହ ଏହାର ପ୍ରତ୍ୟକ୍ଷ ବା ପରୋକ୍ଷରେ ଆସୁଥିବା ବ୍ୟକ୍ତିବିଶେଷଙ୍କ ଚର୍ମ ଓ ଶରୀର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ସଂକ୍ରମିତ କରି ରୋଗାକ୍ରାନ୍ତର ସମ୍ଭାବନା ଦେଖାଯାଇଥାଏ । ବଡ଼ଦୁଃଖର କଥା ହେଉଛି ଆମେ ସମସ୍ତେ ଏହାକୁ ଜାଣି ବି ବ୍ୟାପକ ଭାବରେ ସଚେତନ ନ ହେବାରୁ ଏହାକୁ ନେଇ ଚାରିଆଡ଼େ ଏକ ପ୍ରକାର ନୀରବତାର ହୋ ହଲ୍ଲା !! ସାଧାରଣତଃ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରିରେ ପ୍ରଥମେ ପ୍ରାଇମର ଓ ପରେ ୱାଟର ସଲ୍ୟୁଓ୍ୱବଲ ରଙ୍ଗ ଏବଂ ଶେଷରେ ସେଡ଼ିଂ ଦେବା ପାଇଁ ବିଭିନ୍ନ ରାସାୟନିକ ରଙ୍ଗ ବ୍ୟବହାର କରାଯାଇଥାଏ । ପରବର୍ତ୍ତୀ ସମୟରେ ଏହା ଯେଉଁ ଉଦ୍‌ବେଗଜନକ ସମସ୍ୟା ସୃଷ୍ଟି କରିଥାଏ ତାହା ଶିଳ୍ପୀମାନେ ବୁଝୁଥିଲେ ବି ପେଟପାଟଣାକୁ ନେଇ ସେମାନେ ବି ନାଚାର । ଦ୍ୱିତୀୟ କଥା ଏହି ବ୍ୟବହୃତ ରଙ୍ଗରେ ମାଗ୍ନେସିୟ, ମୋଲିବଡ଼େନମ୍ ଏବଂ ସିଲିକନ୍ ଭଳି ଭାଗ ରହୁଛି, ଯାହା ନଦୀ, ପୋଖରୀରେ ମିଶି ଜଳକୁ ପ୍ରଦୂଷିତ କରୁଛି । ମାଗ୍ନେସିୟମ୍ ଜଳର ଶୁଦ୍ଧତାରେ ପ୍ରଭାବ ପକାଉଥିବା ବେଳେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ପାଣିରେ ଲୁଣି ପରିମାଣ ବୃଦ୍ଧି କରିଥାଏ । ରଙ୍ଗରେ ମର୍କ୍ୟୁରି' ରାସାୟନିକ ଭାଗ ରହିଲେ ଏହା ଅନେକ ଅଜଣା ରୋଗକୁ ଡାକି ଆଣିଥାଏ । ଯାହା ଜାପାନ୍‌ରେ ଅନେକ ଲୋକଙ୍କ ମୃତ୍ୟୁର କାରଣ ପାଲଟିଥିଲା । ଜାପାନର 'ମିନମାତା' ଅଞ୍ଚଳରେ ପାଣିରେ କୌଣସି କାରଣରୁ ମର୍କ୍ୟୁରି ଭାଗ ରହିଯାଇଥିବାରୁ ଏଭଳି ଅଘଟଣ ଘଟିଥିଲା । ସେହିପରି ଉକ୍ତ ରାସାୟନିକ ରଙ୍ଗ ମାଛ ତଥା ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ । ରଙ୍ଗରେ ରହୁଥିବା ଆର୍ସେନିକ୍ ଏବଂ ଲିଡ୍ ଭଳି ରାସାୟନିକ ପଦାର୍ଥ ମଧ୍ୟ ବିପଦର କାରଣ ହୋଇପାରେ । ସୂଚନାଯୋଗ୍ୟ ଅହମ୍ମଦାବାଦରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହୃତ ମୂର୍ତ୍ତି ଉପରେ କଟକଣା ଲଗାଯାଇଥିବାବେଳେ ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ବେଶ୍ ନାଁ ଥିବା ଓଡ଼ିଶାରେ ଏହା ଉପରେ ଲଗାମ ନାହିଁ । ମୂର୍ତ୍ତି କାରିଗରମାନେ ସେମାନଙ୍କ ମନମୁତାବକ ନିଜ ଲାଭକୁ ଦେଖି ଶସ୍ତା ଓ ନିମ୍ନ ମାନର ରଙ୍ଗ ବ୍ୟବହାର କରୁଛନ୍ତି । କିନ୍ତୁ ଦିନ ଥିଲା ମୂର୍ତ୍ତି ତିଆରିରେ ପ୍ରାଚୀନ ପଦ୍ଧତିର ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର କରାଯାଉଥିଲା । ଗାଁ ଗଣ୍ଡାର କଇଁଆ ଅଠା, ବିଭିନ୍ନ ପ୍ରକାର ବଣଜ ଓ ଗ୍ରାମ୍ୟ ଅଞ୍ଚଳର ଫୁଲ, ଶଙ୍ଖଚିହ୍ନ, ଶିଠା ଫଳ ଆଦି ବ୍ୟବହାର କରାଯାଉଥିଲା । କିନ୍ତୁ ବର୍ତ୍ତମାନ ପ୍ରଥମତଃ ସେହି ଜିନିଷ ଗୁଡ଼ିକ ଆଉ ବଜାରରେ ଉପଲବ୍ଧ ହେଉନି, ଦ୍ୱିତୀୟତଃ ତାକୁ ଖୋଜିବା ଅପେକ୍ଷା ଟଙ୍କା ଧରି ବଜାରରୁ ଲୋକଙ୍କୁ ଆଖି ଖୋସିହେଲା ଭଳି ରଙ୍ଗ କିଣି କାରିଗରମାନେ ଏହି ପ୍ରଦୂଷଣ ବିପର୍ଯ୍ୟୟ କରିବାକୁ ପଛାଉ ନାହାଁନ୍ତି । ସବୁଜ ବିପ୍ଳବ ନାମରେ ବର୍ତ୍ତମାନ ପ୍ରଗତି ପଥରେ ସମସ୍ତେ ଆଗେଇ ଚାଲିଥିଲେ ବି ବାସ୍ତବରେ କିନ୍ତୁ ଗୋଦରା କୋଡେ ଯେତେ ମାଡ଼େ ସେତେ ନ୍ୟାୟରେ କିନ୍ତୁ ଏହି ପ୍ରଦୂଷଣକୁ କେହି ଗୁରୁତ୍ୱ ଦେଉନାହାଁନ୍ତି । ସବୁଠାରୁ ବଡ଼ କଥା ହେଉଛି ଜଳ ଆମ ଜୀବନର ପ୍ରମୁଖ ଉତ୍ସ ହେଉଥିବା ବେଳେ ଏହାର ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର ପ୍ରଧାନ ଓ ସର୍ବୋତ୍ତମ ଶ୍ରେଷ୍ଠ କର୍ତ୍ତବ୍ୟ । ରାଜ୍ୟର ଅନେକ ସ୍ଥାନରେ ନଦୀ, ନାଳ ଜଳକୁ ଲୋକମାନେ ନିଜର ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ଠାରୁ ଜୀବନ ରକ୍ଷକ ପିଇବା ପାଣି, ଗାଈ ଗୋରୁମାନଙ୍କ ବ୍ୟବହାର କରିଥାନ୍ତି । ଏହି ରାସାୟନିକ ପ୍ରଦୂଷଣ ଭୟାନକ ଭାବେ ନଦୀ ନାଳକୁ ସଂକ୍ରମିତ କରିଚାଲୁଥିବାବେଳେ ଏହାକୁ ଯେଉଁମାନେ ପିଇଥାନ୍ତି, ଗାଧୋଇଥାନ୍ତି ସେମାନେ ସିଧାସଳଖ ପ୍ରତ୍ୟକ୍ଷ ଭାବେ ଏହାର ସଂସ୍ପର୍ଶରେ ଆସି ରୋଗାକ୍ରାନ୍ତ ହୋଇଥାନ୍ତି । ସେହିପରି ଗାଈଗୋରୁମାନେ ଏହାକୁ ପିଇବା ଦ୍ୱାରା ସେମାନଙ୍କ ଶରୀର ସ୍ୱଭାବିକ ଭାବେ ଅସୁସ୍ଥ ହୋଇଥାଏ । କେବଳ ସେତିକି ନୁହେଁ ଚାଷ କ୍ଷେତକୁ ମଧ୍ୟ ଏହି ରାସାୟନିକ ରଙ୍ଗର ପାଣି ଅନେକାଂଶ ଭାବରେ ଯେଉଁ ଗୁରୁତର ଭାବେ ପ୍ରଭାବ ପକାଇଥାଏ ଏହାଦ୍ୱାରା ଚାଷବାସ ମଧ୍ୟ ପ୍ରଭାବିତ ହୋଇଥାଏ ବୋଲି କୃଷିବିଜ୍ଞାନୀ ମାନେ ମତ ଦିଅନ୍ତି । ଏସବୁ ଜାଣି ମଧ୍ୟ ଆମ୍ଭେମାନେ ରାସାୟନିକ ପ୍ରଦୂଷଣକୁ ନେଇ ସାମାନ୍ୟତମ ଚିନ୍ତା କରୁନାହୁଁ । ଆଉ ଗୋଟିଏ କଥା ହେଉଛି ଯେଉଁ ମୂର୍ତ୍ତି କାରିଗରମାନେ ସ୍ପ୍ରେ ଦ୍ୱାରା ଏହି ଭୟାନକ ରାସାୟନିକ ରଙ୍ଗ ମୂର୍ତ୍ତିରେ ଦେଇଥାନ୍ତି ସେମାନେ ଏହାର ପାର୍ଶ୍ୱପ୍ରତିକ୍ରିୟାର ସମ୍ମୁଖୀନ ହୋଇ ସେମାନଙ୍କ ଚର୍ମରେ ଏକ ପ୍ରକାର ବିକିରଣର ପ୍ରଭାବ ପକାଇ ଏହା ସେମାନଙ୍କ ଶରୀରକୁ ରୋଗାକ୍ରାନ୍ତ କରିଥାଏ । ମୂର୍ତ୍ତି ବିସର୍ଜନ ବେଳେ ଯେଉଁ ପ୍ରକାର ପ୍ରଦୂଷଣ ହେଉଛି ଓ ମୂର୍ତ୍ତିରେ ବ୍ୟବହୃତ ରଙ୍ଗର ମାନକୁ ନେଇ ଅନେକ ସମୟରେ ମାନ୍ୟବର ଅଦାଲତ ନିର୍ଦ୍ଦେଶାବଳୀ ଦେଉଥିଲେ ବି ଏହାକୁ କେହି ଖାତିର କରୁନାହାଁନ୍ତି କିମ୍ବା ଏହାର ପ୍ରଚାର ପ୍ରସାର ପାଇଁ ସେପରି କୌଣସି ସଚେତନତା ସୃଷ୍ଟି ନ ହେଉଥିବାରୁ ଦିନକୁ ଦିନ ଏହି ପ୍ରଦୂଷଣ ବୃଦ୍ଧି ପାଉଥିଲେ ବି ଏହାକୁ ନେଇ ସାଧାରଣରେ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର ହେଉନାହିଁ । ଦଶହରାର ପାର୍ବଣ ଆନନ୍ଦ ମା'ଦୁର୍ଗତୀ ନାଶିନୀ ଦୁର୍ଗାଙ୍କ ଆଶୀର୍ବାଦରୁ ଆରମ୍ଭ ହୋଇଥାଏ। ଧରାପୃଷ୍ଠରେ ମାଆଙ୍କ ଆଗମନୀ ଆମ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ଚଳିତ ବର୍ଷ ପାର୍ବଣରୁ ପ୍ଲାଷ୍ଟିକ ବର୍ଜନ କରିବା ସହ ମୂର୍ତ୍ତି ପ୍ରସ୍ତୁତିରେ ରଙ୍ଗର ଯେଉଁପରି ବ୍ୟାପକ ପ୍ରୟୋଗ ହେଉଛି ଏହାକୁ ସଚେତନ କରିବା ସହ ସମସ୍ତଙ୍କୁ ଏକ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଦେଲେ ପାର୍ବଣ ଆନନ୍ଦମୟ ହେବ।

ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ, ଦୂରଭାଷ : ୯୮୬୧୩୫୫୬୨୮



### ୨.୧୨ ଲକ୍ଷ କୋଟିର ପ୍ରତିରକ୍ଷା ଡିଲ୍

# ଶତ୍ରୁର ନିଦ ହଜାଇବ ଭାରତର ନୂଆ ଡ୍ରୋନ

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି):ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ମଜଭୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅକ୍ଟୋବର ୨୬ ତାରିଖରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବୈଠକରେ ପ୍ରାୟ ୨.୧୨ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ଆଧୁନିକ ତୋପ ପ୍ରଣାଳୀ, ହେଲିକପ୍ଟର, ଏୟାର ଡିଫେନ୍ସ ସିଷ୍ଟମ୍, ନିରୀକ୍ଷଣ ଉପକରଣ ଏବଂ ଦୂରଗାମୀ ଆକ୍ରମଣକାରୀ ଡ୍ରୋନ ସାମିଲ ରହିଛି। ଏହି ଉପକରଣଗୁଡ଼ିକ ଦ୍ୱାରା ଭାରତୀୟ ସ୍ଥଳସେନା, ନୌସେନା ଓ ବାୟୁସେନାର ଯୁଦ୍ଧ କ୍ଷମତା, ନିରୀକ୍ଷଣ ବ୍ୟବସ୍ଥା ଏବଂ ଆକାଶମାର୍ଗରୁ ଆସୁଥିବା ବିପଦର ମୁକାବିଲା କରିବାର ଶକ୍ତି ବୃଦ୍ଧି ପାଇବ। ସବୁଠାରୁ ବଡ଼ କଥା ହେଉଛି, ମୋଟ ମଞ୍ଜୁରୀପ୍ରାପ୍ତ ପ୍ରସ୍ତାବର ପ୍ରାୟ ୮୨ ପ୍ରତିଶତ କ୍ରୟ ଭାରତୀୟ ଶିଳ୍ପସଂସ୍ଥାଗୁଡ଼ିକଠାରୁ କରାଯିବ।ଭାରତୀୟ ସ୍ଥଳସେନା ପାଇଁ ହାଇ ମୋବିଲିଟି ଭେହିକିଲ୍, ସେଲ୍ଫ ପ୍ରୋପେଲ୍ଡ ଟ୍ରାକ୍ଡ ଗନ୍ ସିଷ୍ଟମ୍, ଗନ୍ ସଟ୍ ରେସ୍ପନ୍ସ ସିଷ୍ଟମ୍, ଲାଇଟ୍ ମଲ୍ଟି-ରୋଲ୍ ହେଲିକପ୍ଟର, ଭେରି ସର୍ଟ



ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ୍ ଏବଂ ଡ୍ରୋନ୍ ବିରୋଧୀ ପ୍ରଣାଳୀ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହାବ୍ୟତୀତ ଦୂରଗାମୀ ମାନବବିହୀନ ବିମାନ ପ୍ରଣାଳୀ, ନିରୀକ୍ଷଣ ଡ୍ରୋନ, ସମନ୍ୱିତ ନିରୀକ୍ଷଣ ଓ ଆକ୍ରମଣ ପ୍ରଣାଳୀ ସହ ଦୂରଗାମୀ କାମିକାଜେ ଡ୍ରୋନ କ୍ରୟକୁ ମଧ୍ୟ ଅନୁମତି ମିଳିଛି। ଏହି ଉପକରଣଗୁଡ଼ିକ ଶତ୍ରୁପକ୍ଷର ଗତିବିଧି ଉପରେ ନଜର ରଖିବା, ଲକ୍ଷ୍ୟ ଚିହ୍ନଟ କରିବା ଏବଂ ଆକାଶମାର୍ଗରୁ ଆସୁଥିବା ବିପଦର ମୁକାବିଲା କରିବାରେ ସହାୟକ ହେବ।ନୂଆ ହାଇ ମୋବିଲିଟି ଭେହିକିଲ୍ଦୁର୍ଗମ ଅଞ୍ଚଳରେ ସେନାର ଯାତାୟାତ ଏବଂ ସାମରିକ ସାମଗ୍ରୀ ପରିବହନକୁ ସହଜ କରିବ। ସେହିପରି ସେଲ୍ଫ ପ୍ରୋପେଲ୍ଡ ଟ୍ରାକ୍ଡ ଗନ୍ ସିଷ୍ଟମ୍ ସାମରିକ ୟୁନିଟ୍ ଗୁଡ଼ିକୁ ଦ୍ରୁତ ଗତିରେ ଗତିଶୀଳ ହେବା ସହ ଆକ୍ରମଣ କରିବାର କ୍ଷମତା ପ୍ରଦାନ କରିବ। ଗନ୍ ସଟ୍ ରେସ୍ପନ୍ସ ସିଷ୍ଟମ୍ ସେନାକୁ ଯୁଦ୍ଧକ୍ଷେତ୍ରରେ ତୁରନ୍ତ ସୂଚନା ଯୋଗାଇବା ସହ ପରିସ୍ଥିତିର ଆକଳନ କରିବାରେ ସହାୟତା କରିବ। ଏହାଦ୍ୱାରା ସେନାର କାର୍ଯ୍ୟକ୍ଷମତା ଓ ନିଷ୍ପତ୍ତି ନେବାର ଦକ୍ଷତା ବୃଦ୍ଧି ପାଇବ।ଲାଇଟ୍ ମଲ୍ଟି-ରୋଲ୍ ହେଲିକପ୍ଟରକୁ ଭାରତୀୟ ସ୍ଥଳସେନା ଓ ବାୟୁସେନା ଉଭୟ ବ୍ୟବହାର କରିବେ। ଶତ୍ରୁପକ୍ଷର ଗତିବିଧି ଉପରେ ନଜର ରଖିବା, ଯୁଦ୍ଧ କାର୍ଯ୍ୟ, ସୈନିକଙ୍କୁ ଖୋଜିବା ଓ ଉଦ୍ଧାର କରିବା ସହ ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ପରିଚାଳନାରେ ଏହାର ବ୍ୟବହାର କରାଯାଇପାରିବ। ଅନ୍ୟପଟେ, ଭେରି ସର୍ଟ ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ୍ ସ୍ୱଳ୍ପ ଦୂରତାରୁ ଆସୁଥିବା ବିଭିନ୍ନ ଆକାଶମାର୍ଗୀୟ ବିପଦର ମୁକାବିଲା କରିବାରେ ସହାୟକ ହେବ। ଡ୍ରୋନ୍ ବିରୋଧୀ ପ୍ରଣାଳୀ ଆଧୁନିକ ଯୁଦ୍ଧକ୍ଷେତ୍ରରେ ଟ୍ୟାଙ୍କ୍ ଓ ଅନ୍ୟ ସାମରିକ ଯାନବାହନର ସୁରକ୍ଷା ବୃଦ୍ଧି କରିବାରେ ସହାୟତା କରିବ।ଭାରତୀୟ ନୌସେନା ପାଇଁ ଆକ୍ଟିଭ୍ ଅଫ୍‌ବୋର୍ଡ ଡିକଏ ସିଷ୍ଟମ୍ ସମେତ ଅନ୍ୟ ପ୍ରମୁଖ ନୌସେନା ଉପକରଣ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ବ୍ୟବସ୍ଥା ଶତ୍ରୁପକ୍ଷର ଆଧୁନିକ ଆଣ୍ଟି-ସିପ୍ ମିସାଇଲ୍ ଆକ୍ରମଣରୁ ଯୁଦ୍ଧଜାହାଜଗୁଡ଼ିକୁ ସୁରକ୍ଷା ଦେବାରେ ସହାୟକ ହେବ। ଏହା ସହ ସ୍ୱଦେଶୀ ଜ୍ଞାନକୌଶଳରେ ଡିଜାଇନ୍ ଓ ନିର୍ମାଣ ହେବାକୁ ଥିବା ନୌସେନା ଉପକରଣଗୁଡ଼ିକ ନୌସେନାର ଯୁଦ୍ଧକ୍ଷମତା ଏବଂ କାର୍ଯ୍ୟକ୍ଷମତାକୁ ଆହୁରି ମଜଭୁତ କରିବ।

### ସର୍ବିୟାରେ ଶକ୍ତିଶାଳୀ ସରକାରର ପତନ

# ଭୁ୍ୟସିକଙ୍କ ପାର୍ଟିକୁ ହରାଇଦେଲା ଛାତ୍ର ଆନ୍ଦୋଳନ

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି): ସର୍ବିୟାରେ ସରକାରରେ ଦୀର୍ଘଦିନ ହେବ ରହିଥିବା ଶକ୍ତିଶାଳୀ ନେତା ଆଲେକଜାଣ୍ଡର୍ ଭୁ୍ୟସିକ୍ ରବିବାର ନିଜ ପରାଜୟ ସ୍ୱୀକାର କରିଛନ୍ତି । ଗତ ଦୁଇବର୍ଷ ଧରି ଭୁ୍ୟସିକ ସରକାରଙ୍କ ବିରୋଧରେ ଦେଶରେ ବିରୋଧ ପ୍ରଦର୍ଶନ ହେଉଛି । ନିର୍ବାଚନରେ ଭୁ୍ୟସିକଙ୍କ ପାର୍ଟି ବିରୋଧରେ ଛାତ୍ର ନେତୃତ୍ୱରେ ହୋଇଥିବା ଆନ୍ଦୋଳନର ନେତାମାନେ ନିର୍ବାଚନ ଲଢୁଥିଲେ ।ବାଲକନ୍ ପ୍ରାନ୍ତରେ ସର୍ବିୟା ସରକାରର ପରିବର୍ତ୍ତନ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଭୁ୍ୟସିକ୍ ୧୪ ବର୍ଷ ଧରି ସରକାରରେ ଥିଲେ । ପୂର୍ଣ୍ଣ ବହୁମତ ସହ ସେ ସରକାର ଚଳାଉଥିଲେ । ତାଙ୍କୁ ଋଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ସମର୍ଥନ ରହିଥିଲା । ଦେଶରେ ହୋଇଥିବା ଛାତ୍ର ଆନ୍ଦୋଳନରେ ବିଦେଶୀ ଶକ୍ତିର ହାତ ଥିବା ଭୁ୍ୟସିକ୍ ଅଭିଯୋଗ କରିଥିଲେ । ଏପରିକି ତାଙ୍କୁ ସରକାରରୁ ହଟାଇବା ପାଇଁ ଷଡଯନ୍ତ୍ର ହୋଇଥିବା ସେ କହିଥିଲେ ।ଛାତ୍ର ଆନ୍ଦୋଳନ ମଧ୍ୟରେ ନିର୍ବାଚନରେ ଭଲ ମତଦାନ ହୋଇଥିଲା ।





ଦେଶରେ ଉତ୍ତେଜନା ମଧ୍ୟ ଖୁବ୍ ବୃଦ୍ଧି ପାଇଥିଲା । ନିର୍ବାଚନରେ ଭୁ୍ୟସିକଙ୍କ ଦକ୍ଷିଣପନ୍ଥୀ ସର୍ବିୟାନ ପ୍ରୋଗ୍ରେସିଭ୍ ପାର୍ଟି ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ମଧ୍ୟରେ ମୁକାବିଲା ହୋଇଥିଲା । ଛାତ୍ରମାନେ ସରକାରଙ୍କ ବିରୋଧରେ ଭ୍ରଷ୍ଟାଚାର ଏବଂ ଗଣତନ୍ତ୍ରକୁ ଶେଷ କରିଥିବା ଅଭିଯୋଗ କରିଥିଲେ । ଛାତ୍ରଙ୍କୁ ସାଧାରଣ ନାଗରିକ ଖୁବ୍ ସମର୍ଥନ କରିଥିଲେ ।ସର୍ବିୟାରେ ୬୪ ଲକ୍ଷ ଭୋଟର୍ ୨୫୦ ସଦସ୍ୟ ବିଶିଷ୍ଟ ସଂସଦ ପାଇଁ ପ୍ରତିନିଧି ବାଛିଚନ୍ତି । ତେବେ ପରାସ୍ତ ହେଲା ପରେ ଭୁ୍ୟସିକ୍ କହିଛନ୍ତି ଯେ, ତାଙ୍କ ପାର୍ଟି ଅଧିକ ସିଟ୍ ଜିତିବନି । ୧୦୫ ଆସନରେ ରହିଯିବ । କିନ୍ତୁ ଯୁବକଙ୍କ ସମର୍ଥନରେ ଥିବା ଷ୍ଟୁଡେଣ୍ଟ୍ ଲିଷ୍ଟକୁ ୧୪୦ ସିଟ୍ ଜିତିପାରେ । ଏହା କହି ସେ ନିଜ ପରାଜୟ ସ୍ୱୀକାର କରିଥିବା ପ୍ରକାଶ କରିଛନ୍ତି । ଏହାସହ ଏଥିରେ ଆମେରିକାର ହାତ ଥିବା ସେ ଅଭିଯୋଗ କରିଛନ୍ତି ।

## ରାହୁଲ ଗାନ୍ଧୀଙ୍କ ସୁରକ୍ଷା ଦଳର ଗାଡ଼ି ଦୁର୍ଘଟଣାର ତଦନ୍ତ ପାଇଁ ଏସଆଇଟି ଗଠନ

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି): ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ରାହୁଲ ଗାନ୍ଧୀଙ୍କ ସୁରକ୍ଷା ଦଳ ଗାଡି ଦୁର୍ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିର୍ଦ୍ଦେଶରେ ଉତ୍ତର ପ୍ରଦେଶ ପୁଲିସ ମୁଖ୍ୟାଳୟ ଏହି ନିଷ୍ପତ୍ତି ନେଇଛି। ରାହୁଲ ଗାନ୍ଧୀଙ୍କ ସୁଲତାନପୁର ଗସ୍ତ ସମୟରେ ତାଙ୍କ ସୁରକ୍ଷା ଦଳ ଗାଡି ପଛରେ ଥିବା ଗାଡ଼ିଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାର ତଦନ୍ତ ପାଇଁ ଲକ୍ଷ୍ନୌ ରେଞ୍ଜ ଆଇଜି କିରଣ ଏସ.ଙ୍କୁ ସ୍ୱତନ୍ତ୍ର ତଦନ୍ତ ଦଳର ମୁଖ୍ୟ ନିଯୁକ୍ତ କରାଯାଇଛି। ଅତିରିକ୍ତ ପୁଲିସ ଅଧିକ୍ଷକ ବ୍ରଜ ନାରାୟଣ ସିଂହ ଏବଂ ସିଓ ଟ୍ରାଫିକ୍ ରାମ କୃଷ୍ଣ ଚତୁର୍ବେଦୀ ଏସଆଇଟି ତଦନ୍ତ ଦଳର ସଦସ୍ୟ ରହିଛନ୍ତି।ଦୁର୍ଘଟଣାର କାରଣ, ପରିସ୍ଥିତି ଏବଂ ସମ୍ଭାବ୍ୟ ଅବହେଳା ସମ୍ପର୍କରେ ଏସଆଇଟି ଦଳ ବିସ୍ତୃତ ତଦନ୍ତ କରିବ। ତଦନ୍ତରେ ସୁରକ୍ଷା, ଏସ୍କର୍ଟ ବ୍ୟବସ୍ଥା ଏବଂ ଟ୍ରାଫିକ୍ ପରିଚାଳନାରେ କୌଣସି ତ୍ରୁଟି ରହିଛି କି ନାହିଁ ତାହା ମଧ୍ୟ ଯାଞ୍ଚ କରାଯିବ। ଏସଆଇଟିକୁ ଯଥାଶୀଘ୍ର ପୁଲିସ ମୁଖ୍ୟାଳୟକୁ ଏକ ବିସ୍ତୃତ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଭୂମିକମ୍ପରେ ଥରିଲା ମେଘାଳୟ

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି):ଭୂମିକମ୍ପରେ ଥରିଲା ମେଘାଳୟ । ସୋମବାର ସକାଳ ସାଢେ ୬ଟାରେ ମେଘାଳୟରେ ଭୂମିକମ୍ପର ଝଟକା ଲାଗିଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୦ ବୋଲି ଜଣା ପଡିଛି । ଏହାର କେନ୍ଦ୍ରସ୍ଥଳୀ ଭୂପୃଷ୍ଠରୁ ୫ କିମି ମଧ୍ୟରେ ଥିବା ନ୍ୟାସନାଲ୍ ସେଣ୍ଟର ଫର୍ ସିସମୋଲୋଜି ପ୍ରକାଶ କରିଛି ।ରିପୋର୍ଟ ଅନୁସାରେ, ମେଘାଳୟରେ ଥିବା ପୂର୍ବ ଗାରୋ ହିଲ୍ସ ନିକଟରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳୀ ଭୂପୃଷ୍ଠରୁ ବେଶି ଭିତରେ ନାହିଁ । ତେଣୁ ଜୋରଦାର ଝଟକା ଲାଗିନଥିଲା । କିନ୍ତୁ କିଛି ସମୟ ପାଇଁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିଥିଲେ । ସେମାନେ ଘରୁ ବାହାରକୁ ଆସି ଯାଇଥିଲେ ।ଭୂମିକମ୍ପରେ ଏବେସୁଦ୍ଧା କ୍ଷୟକ୍ଷତି ବାବଦରେ କିଛି ଜଣା ପଡିନାହିଁ । ରିକ୍ଟର ସ୍କେଲରେ ଏହାର ତୀବ୍ରତାକୁ ନଜର ପକାଇଲେ ସେତେଟା କ୍ଷୟକ୍ଷତି ହୋଇନଥିବା ଆକଳନ କରାଯାଉଛି । କିନ୍ତୁ ଗାରୋ ହିଲ୍ସର କିଛି ସ୍ଥାନରେ ମାଟି ଅତଡା ଖସିଥିବା ନେଇ ଆଶଙ୍କା କରାଯାଉଛି । ଏହାପୂର୍ବରୁ ମଧ୍ୟ ଗତ ଅକ୍ଟୋବର ୧୮ ତାରିଖରେ ସମାନ ଅଞ୍ଚଳରେ ଭୂମିକମ୍ପର ଝଟକା ଲାଗିଥିଲା । ସେବେ ମଧ୍ୟ ରିକ୍ଟର ସ୍କେଲରେ ତୀବ୍ରତା ୩.୦ ରେକର୍ଡ ହୋଇଥିଲା । ଏହାର କେନ୍ଦ୍ରସ୍ଥଳୀ ଭୂପୃଷ୍ଠରୁ ୭୨ କିଲୋମିଟର ତଳେ ଥିବା କୁହାଯାଇଥିଲା ।

## ନଭେମ୍ବର ୧ରୁ ଦିଲ୍ଲୀରେ ପ୍ରବେଶ କରିପାରିବ ନାହିଁ ୧୦ ଲକ୍ଷରୁ ଅଧିକ ଗାଡ଼ି

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି):ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ନଭେମ୍ବର ୧, ୨୦୨୬ ରୁ ଜାନୁଆରି ୩୧, ୨୦୨୭ ପର୍ଯ୍ୟନ୍ତ ବିଏସ୍୬ ନିର୍ଗମନ ମାନଦଣ୍ଡ ତଳେ ଥିବା ଯାନବାହନର ପ୍ରବେଶ ନିଷିଦ୍ଧ କରାଯାଇଛି।ଦପରିବହନ ବିଭାଗର ଆକଳନ ଅନୁଯାୟୀ, ଏହି ନିୟମ ଯୋଗୁ ଦିଲ୍ଲୀରେ ଉପରୋକ୍ତ ସମୟ ମଧ୍ୟ ?ରେ ବିଏସ୍୬ ନିର୍ଗମନ ମାନଦଣ୍ଡ ତଳେ ଥିବା ଏନସିଆର ଅଞ୍ଚଳ ଗୁଡ଼ଗାଓଁ, ଫରିଦାବାଦ, ନୋଏଡା, ଗ୍ରେଟର ନୋଏଡା ଓ ଗାଜିଆବାଦରୁ ୧୦ ଲକ୍ଷରୁ ଅଧିକ ଯାନ ପ୍ରଭାବିତ ହୋଇପାରେ। ଗୁଡ଼ଗାଓଁ ଓ ଫରିଦାବାଦରେ ପ୍ରାୟ ୨ ଲକ୍ଷ ଯାନ ବିଏସ୍୬ ମାନଦଣ୍ଡ ପୂରଣ କରୁନାହିଁ, ଯେଉଁଥିରୁ ପ୍ରାୟ ୭୦% ହେଉଛି ବିଏସ୍୩ ଓ ବିଏସ୍୪ ଯାନ। ପରିବହନ ବିଭାଗର ଏକ ଆକଳନ ଅନୁଯାୟୀ, ହରିୟାଣାର ଦୁଇଟି ଜିଲ୍ଲାରେ ପ୍ରାୟ ୫୦,୦୦୦ ବାଣିଜ୍ୟିକ ଯାନ ମଧ୍ୟ ବିଏସ୍୫ ମାନଦଣ୍ଡ ତଳେ ରହିଛି। ନୋଏଡା ଓ ଗ୍ରେଟର ନୋଏଡାରେ ୪ ଲକ୍ଷରୁ ଅଧିକ ଯାନବାହନ ବିଏସ୍୬ ନିର୍ଗମନ ମାନଦଣ୍ଡ ତଳେ ରହିଛି, ଯାହା ମଧ୍ୟରୁ ବିଏସ୍୪ ଯାନ ମୋଟର ଅଧାରୁ ଅଧିକ। ଏଗୁଡ଼ିକ ମୁଖ୍ୟତଃ ପେଟ୍ରୋଲ କାର। ଗାଜିଆବାଦରେ ପ୍ରାୟ ୪ ଲକ୍ଷ ଯାନବାହନ ଅଛି ଯାହା ବିଏସ୍୬ ମାନଦଣ୍ଡ ପୂରଣ କରୁନାହିଁ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏସବୁ ଯାନ ନଭେମ୍ବର ପହିଲାରୁ ଦିଲ୍ଲୀରେ ପ୍ରବେଶ କରିପାରିବେ ନାହିଁ।

## ମୁଣ୍ଡବ୍ୟଥା ବଢ଼ାଇବ ତୈଳଦର

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି):ମଧ୍ୟପ୍ରାଚ୍ୟ ଉତ୍ତେଜନା ପ୍ରଭାବରେ ଅଶୋଧିତ ତୈଳ ଦର ବ୍ୟାରେଲ୍‌କୁ ୧୨୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହା ଭାରତୀୟ ଅର୍ଥନୀତି ପ୍ରତି ସମସ୍ୟା ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଦେଶର ସାର ସବ୍‌ସିଡି ବ୍ୟୟଭାର ବୃଦ୍ଧି ପାଇବାକୁ ଯାଉଛି। ଚଳିତ ଆର୍ଥିକ ବର୍ଷ ବଜେଟ୍‌ରେ ସାର ସବ୍‌ସିଡି ପାଇଁ ୧.୭୦ ଲକ୍ଷ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବର୍ଷର ପ୍ରଥମ ୫ ମାସରେ ସେଥିରୁ ସିଂହଭାଗ ଅର୍ଥାତ ୧.୦୩ ଲକ୍ଷ କୋଟି ଟଙ୍କା ବ୍ୟୟ ହୋଇସାରିଛି। ତେଣୁ ବର୍ଷ ସାରାରେ ସାର୍ ସବ୍‌ସିଡି ବ୍ୟୟ ୩-୩.୫ ଲକ୍ଷ କୋଟି ଟଙ୍କା ହୋଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏଲ୍‌ପିଜି ସିଲିଣ୍ଡର ଉପରେ ତୈଳ କମ୍ପାନିଗୁଡ଼ିକ ଏବେବି ୩୨୭ ଟଙ୍କାର କ୍ଷତି ସହୁଛନ୍ତି।

# ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେଉଛନ୍ତି ମୋଦୀ ସରକାର

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି): ଭୋଟ ଚୋରି ମାମଲାକୁ ନେଇ ସାରା ଦେଶରେ ରାଜନୈତିକ ଉଷ୍ମତା ଲାଗି ରହିଛି । ବିରୋଧୀ ଏହି ପ୍ରସଙ୍ଗରେ ବିଜେପି ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରକୁ ଟାର୍ଗେଟ କରିଆସୁଥିବା ବେଳେ, ବିବାଦ ଥମିବାର ନାଁ ନେଉନାହିଁ । ଏହାରି ମଧ୍ୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଏକ ବୟାନକୁ ନେଇ ପୁଣି ଆଲୋଚନା ଆରମ୍ଭ ହୋଇଛି ।ସୋମବାର ଏକ ସୋସିଆଲ ମିଡିଆ ପୋଷ୍ଟ (ଏକ୍ସ)ରେ ଖଡ଼ଗେ ଏହି ପ୍ରସଙ୍ଗରେ ପୁଣି ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ବାରମ୍ବାର 'ଭୋଟ୍ ଚୋରି' ଘଟଣା ସାମ୍ନାକୁ ଆସୁଥିବା ସତ୍ତ୍ୱେ ମୋଦୀ ସରକାର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଛନ୍ତି ।ଏହା ସହ ସେ ନଭେମ୍ବର ୧ ତାରିଖରେ ଦିଲ୍ଲୀ ରାମଲୀଳା ମୈଦାନରେ ଆୟୋଜିତ ହେବାକୁ ଥିବା କଂଗ୍ରେସର 'ଭୋଟ୍ ବଞ୍ଚାଅ-ଦେଶ ବଞ୍ଚାଅ' ପଦଯାତ୍ରା ଓ ବିଶାଳ ସମାବେଶରେ ଯୋଗ ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି ।ଏକ୍ସ ପୋଷ୍ଟରେ ଖଡ଼ଗେ ପ୍ରଶ୍ନ ଉଠାଇଛନ୍ତି ଯେ, SIR ପ୍ରକ୍ରିୟାରେ ବ୍ୟବହୃତ ସଫ୍ଟୱେର୍ ବିଷୟରେ ସୂଚନା ଦେବାକୁ



ନିର୍ବାଚନ କମିଶନ କାହିଁକି ମନା କରୁଛନ୍ତି 'ଭୋଟ୍ ଚୋରିର ଅଗଣିତ ଘଟଣା ସାମ୍ନାକୁ ଆସିବା ପରେ ମଧ୍ୟ, ମୋଦୀ ସରକାର ଜ୍ଞାନେଶ କୁମାରଙ୍କୁ ରକ୍ଷା କରିବା ପାଇଁ ସମ୍ଭବପର ସମସ୍ତ ଉପାୟ ଅବଲମ୍ବନ କରୁଛନ୍ତି ।ଆରଟିଆଇ ମାଧ୍ୟମରେ 'ଏସ୍ଆଇଆର୍'ରେ ବ୍ୟବହୃତ ସଫ୍ଟୱେର୍ ବିଷୟରେ ସୂଚନା ମଗାଯାଇଥିଲା, କିନ୍ତୁ ନିର୍ବାଚନ ଆୟୋଗ ଏହାକୁ 'ବ୍ୟବସାୟିକ ଗୋପନୀୟତା' ବୋଲି ଦର୍ଶାଇ ଉତ୍ତର ଦେବାକୁ ମନା କରିଦେଲେ। 'ଖଡ଼ଗେ ଆହୁରି ଅଭିଯୋଗ କରିଛନ୍ତି ଯେ, ଉତ୍ତର ପ୍ରଦେଶରେ ୧୬.୧୮ ଲକ୍ଷ 'ଫର୍ମ-୬' ଆବେଦନର ବିବରଣୀ ସର୍ବସାଧାରଣ କରାଯାଇନାହିଁ। ପିଲିଭିତ୍ର ରେକର୍ଡରେ ୧୦,୪୭୦ ଜଣ ଭୋଟରଙ୍କ ସମ୍ବନ୍ଧୀୟ ଅନିୟମିତତା ଧରାପଡ଼ିଥିଲା। ବର୍ତ୍ତମାନ, ସେମାନେ ସମଗ୍ର ରାଜ୍ୟରେ ଫର୍ମ ୬, ୭ ଏବଂ ୮ ର ତଦନ୍ତ ନିର୍ଦ୍ଦେଶ ଦେବାକୁ ବାଧ୍ୟ ହୋଇଛନ୍ତି,' ବୋଲି ସେ 'ଏକ୍ସ' ରେ ଏକ ପୋଷ୍ଟ ମାଧ୍ୟମରେ କହିଛନ୍ତି।

## ରୁଷରେ ୟୁକ୍ରେନ ପକ୍ଷରୁ ଡ୍ରୋନ୍ ଆକ୍ରମଣ: ୨ ମୃତ

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି): ରୁଷର ଭୋରୋନେଜ୍ ଅଞ୍ଚଳରେ ୟୁକ୍ରେନ ପକ୍ଷରୁ ହୋଇଥିବା ଡ୍ରୋନ୍ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ଶିଶୁ ସମେତ ୧୭ ଜଣ ଆହତ ହୋଇଛନ୍ତି। ଭୋରୋନେଜ୍ ରାଜ୍ୟପାଳ ଆଲେକଜାଣ୍ଡାର ଗୁସେଭ୍ ଆକ୍ରମଣକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ, ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ଅଞ୍ଚଳରେ ୧୧୩ଟି ୟୁକ୍ରେନ ଡ୍ରୋନ୍ ଖସାଇ ଦେଇଛି।



ଗୁସେଭ ଏକ ମେସେଜିଂ ଆପ୍‌ରେ ସୂଚନା ସେୟାର କରି କହିଛନ୍ତି ଯେ, ରାତିସାରା ଆକ୍ରମଣ ସମୟରେ ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମ୍ପୂର୍ଣ୍ଣ ସକ୍ରିୟ ରହିଥିଲା। ଡ୍ରୋନର ଭଗ୍ନାବଶେଷ ପଡ଼ିବା ଯୋଗୁଁ ଅନେକ ଶିଳ୍ପ ଅଞ୍ଚଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ ଏବଂ ଜରୁରୀକାଳୀନ ଦଳ କାମ କରୁଛନ୍ତି ।ରୁଷ ରେଳବାଇ ଅନୁଯାୟୀ, କ୍ରାସନୋଡାର ଅଞ୍ଚଳର ଏକ ଲୋକପ୍ରିୟ ପର୍ଯ୍ୟଟନ ସହର ଆନାପାରୁ ରାଜଧାନୀ ମସ୍କୋ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ମଧ୍ୟ ଆକ୍ରମଣର ଶିକାର ହୋଇଛି। ଆକ୍ରମଣରେ ଟ୍ରେନ କ୍ଷତିଗ୍ରସ୍ତ ହୋଇଛି ଏବଂ ପାଞ୍ଚ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଭୋରୋନେଜ୍ ଦେଇ ଯାଇଥିବା ସମସ୍ତ ରେଳ ନେଟୱାର୍କର ଯାତ୍ରୀବାହୀ ଟ୍ରେନ୍ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ରୁଷ-ୟୁକ୍ରେନ ସୀମା ନିକଟରେ ଅବସ୍ଥିତ ଭୋରୋନେଜ୍ ଏକ ରଣନୈତିକ ଏବଂ ପରିବହନ କେନ୍ଦ୍ର, ଯେଉଁଠାରେ ଗତ କିଛି ମାସ ମଧ୍ୟରେ ୟୁକ୍ରେନ ପକ୍ଷରୁ ଭିତ୍ତିଭୂମି ଏବଂ ଶିଳ୍ପ ଗୁଡ଼ିକୁ ଟାର୍ଗେଟ କରି ଅନେକ ଆକ୍ରମଣ କରାଯାଇଛି।

## କାହାରିକୁ ବଦନାମ କରିବା ଉଦ୍ଦେଶ୍ୟରେ କୌଣସି ବୟାନ ଦେଇ ନଥିଲି: ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି): ଅମିତ ଶାହଙ୍କ ସହ ଜଡ଼ିତ ମାନହାନି ମାମଲାରେ ସୋମବାର ସୁଲତାନପୁରର ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ ରାହୁଲ ଗାନ୍ଧୀଙ୍କୁ ଦୋଷମୁକ୍ତ କରିଛନ୍ତି। ରାୟ ଆସିବା ପରେ ରାହୁଲ ଗାନ୍ଧୀଙ୍କ ଓକିଲ କାଶୀ ଶୁକ୍ଲା କହିଛନ୍ତି ଯେ, ରାହୁଲ ଗାନ୍ଧୀ କାହାରିକୁ ବଦନାମ କରିବା ଉଦ୍ଦେଶ୍ୟରେ କୌଣସି ବୟାନ ଦେଇ ନଥିଲେ। ଏହି ମାମଲାରେ ଆବେଦନକାରୀ ନିଜେ ପୀଡ଼ିତ କିମ୍ବା ପ୍ରଭାବିତ ବ୍ୟକ୍ତି ନଥିଲେ। ଏଥିସହ ରାହୁଲ ଗାନ୍ଧୀଙ୍କ ବୟାନକୁ ମଧ୍ୟ ପ୍ରସଙ୍ଗରୁ ଅଲଗା କରି ଭୁଲ୍ ଭାବେ ଅଦାଲତରେ ଉପସ୍ଥାପନ କରାଯାଇଥିଲା। ଏହି ଦୁଇଟି ପ୍ରସଙ୍ଗ ବ୍ୟତୀତ ଅନ୍ୟ କିଛି ଆଇନଗତ ଆଧାର ମଧ୍ୟ ଥିଲା, ଯାହା ଆଧାରରେ ସେ ଅଦାଲତରେ ରାହୁଲ ଗାନ୍ଧୀଙ୍କ ପକ୍ଷ ରଖିଥିଲେରାୟ ପରେ ରାହୁଲ ଗାନ୍ଧୀ ଅଦାଲତକୁ ଧନ୍ୟବାଦ ଜଣାଇଥିଲେ। ସେ ମଧ୍ୟ ସ୍ପଷ୍ଟ କରିଥିଲେ ଯେ, କାହାରିକୁ ବଦନାମ କରିବା ଉଦ୍ଦେଶ୍ୟରେ ସେ ଏପରି କୌଣସି କଥା କହି ନଥିଲେ। ତାଙ୍କ ଓକିଲ ମଧ୍ୟ ଅଦାଲତରେ ନିଜ ପକ୍ଷ ରଖିବା ସମୟରେ ଏହି ଯୁକ୍ତିକୁ ଗୁରୁତ୍ୱ ଦେଇଥିଲେ ।କାଶୀ ଶୁକ୍ଲା କହିଛନ୍ତି ଯେ, ଏହି ମାମଲାରେ ଆବେଦନକାରୀ ପୀଡ଼ିତ କିମ୍ବା ପ୍ରଭାବିତ ବ୍ୟକ୍ତି ନଥିବା ପ୍ରସଙ୍ଗ ରାହୁଲ ଗାନ୍ଧୀଙ୍କ ପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ଥିଲା। ରାହୁଲ ଗାନ୍ଧୀ ଯେଉଁ ବୟାନ ଦେଇଥିଲେ, ତାହାକୁ ମୂଳ ପ୍ରସଙ୍ଗରୁ ଅଲଗା କରି ଭୁଲ୍ ଭାବେ ଅଦାଲତରେ ଉପସ୍ଥାପନ କରାଯାଇଥିଲା। ଏହା ବ୍ୟତୀତ ଅନ୍ୟାନ୍ୟ ଆଇନଗତ ଆଧାରରେ ମଧ୍ୟ ସେ ରାହୁଲ ଗାନ୍ଧୀଙ୍କ ପକ୍ଷ ରଖିଥିଲେ ବୋଲି କହିଛନ୍ତି ।ଆବେଦନକାରୀ ଏହି ରାୟକୁ ଉଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିବା ପ୍ରସଙ୍ଗରେ କାଶୀ ଶୁକ୍ଲା କହିଛନ୍ତି ଯେ, ଆବେଦନକାରୀଙ୍କର ଏପରି କରିବାର ସ୍ୱାଧୀନତା ରହିଛି। ଯଦି ଆବେଦନକାରୀ ଉଚ୍ଚ ଅଦାଲତରେ ଏହି ରାୟକୁ ଚ୍ୟାଲେଞ୍ଜ କରନ୍ତି, ତେବେ ରାହୁଲ ଗାନ୍ଧୀଙ୍କ ପକ୍ଷରୁ ସେଠାରେ ମଧ୍ୟ ଆଇନଗତ ଲଢେଇ ଜାରି ରହିବ। ଅର୍ଥାତ୍, ଆଗକୁ ଆବେଦନ ହେଲେ ତାହାର ସାମ୍ନା କରିବାକୁ ସେମାନେ ପ୍ରସ୍ତୁତ ଅଛନ୍ତି ବୋଲି ଓକିଲ ସ୍ପଷ୍ଟ କରିଛନ୍ତି।

## ମନୋଜ ଜାରଙ୍ଗେ-ଏକନାଥ ସିନ୍ଦେ ୫୦୦ କୋଟି ଡିଲ୍ ମାମଲାର ଇଡି ଯାଞ୍ଚ ହେଉ

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି):ମରାଠା ସଂରକ୍ଷଣ ଆନ୍ଦୋଳନ ନେତା ମନୋଜ ଜରାଙ୍ଗେ ପାଟିଲଙ୍କ ସହ ଜଡିତ ୫୦୦ କୋଟି ଟଙ୍କା କାରବାର ଭାଇରାଲ ଅଡିଓ କ୍ଲିପ୍ ମାମଲାରେ ଶିବସେନା (ୟୁବିଟି) ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖିଛନ୍ତି। ସଞ୍ଜୟ ମାମଲାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ତଦନ୍ତ ଦାବି କରି କହିଛନ୍ତି ଯେ, ଏହି ମାମଲା ମନି ଲଣ୍ଡରିଂ ନିବାରଣ ଆଇନ ପରିସରରେ ଆସୁଛି। ସେ ଲେଖିଛନ୍ତି, ଆପଣ ଭଲଭାବରେ ଜାଣନ୍ତି ଯେ, ଅକ୍ଟୋବର ୨୦ ତାରିଖରେ ମରାଠା ସଂରକ୍ଷଣ କର୍ମୀ ମନୋଜ ଜରାଙ୍ଗେ ପାଟିଲ ଆଶ୍ଚର୍ଯ୍ୟଜନକ ଅଭିଯୋଗ ଏବଂ ଖୁଲାସା କରିଥିଲେ। ତାଙ୍କ ଅନୁଯାୟୀ, ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମହାରାଷ୍ଟ୍ରରେ ବିଜେପିର କୋର ଟିମ୍‌ର ବରିଷ୍ଠ ନେତାଙ୍କଠାରୁ ୫୦୦ କୋଟି ଟଙ୍କା ନେଇଥିଲେ। ଏହି ଟଙ୍କା ମନୋଜ ଜରାଙ୍ଗେଙ୍କୁ ତାଙ୍କ ପୁଅ ତଥା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ମାଧ୍ୟମରେ ପହଞ୍ଚାଇବାର ଥିଲା, କିନ୍ତୁ ଟଙ୍କା ତାଙ୍କ ପାଖରେ କେବେ ପହଞ୍ଚି ନଥିଲା ।ଜରାଙ୍ଗେ ପାଟିଲଙ୍କ ଅନୁସାରେ, ତାଙ୍କୁ ଚୁପ୍ କରିବା ଏବଂ ମରାଠା ସଂରକ୍ଷଣ ପାଇଁ ତାଙ୍କର ଚାଲିଥିବା ଆନ୍‌ଦୋଳନକୁ ସମାପ୍ତ କରିବା ପାଇଁ ୨୦୨୪ ମହାରାଷ୍ଟ୍ର



ବିଧାନସଭା ନିର୍ବାଚନ ପୂର୍ବରୁ ଏସବୁ କରାଯାଇଥିଲା। ଏକ ଅଡିଓ କ୍ଲିପ୍ ଆକାରରେ କରିଥିବା ଏହି ଖୁଲାସା ଅନେକ ଦୃଷ୍ଟିରୁ ଅତ୍ୟନ୍ତ ଗମ୍ଭୀର ।ସଞ୍ଜୟ କହିଛନ୍ତି ଏତେ ଟଙ୍କା କିଏ କାହାକୁ ଦେଇଥିଲା ଏବଂ ଯଦି ଟଙ୍କା ଜରାଙ୍ଗେଙ୍କ ପାଖରେ ପହଞ୍ଚିନଥିଲା, ତେବେ ତାହା କୁଆଡ଼େ ଗଲା ସେନେଇ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଉଚିତ୍। ଏତେ ବିପୁଳ ପରିମାଣର ଟଙ୍କା କେଉଁଠାରୁ ଆସିଥିଲା ଏବଂ କେଉଁଠାକୁ ଗଲା, ଏହା ମନି ଲଣ୍ଡରିଂର ଏକ ସ୍ପଷ୍ଟ ମାମଲା ପରି ମନେ ହେଉଛି ଏବଂ ସେହି ଅନୁଯାୟୀ ଏହାର ତଦନ୍ତ ହେବା ଉଚିତ୍।ଏହି ପ୍ରଶ୍ନଗୁଡ଼ିକର ଉତ୍ତର ତୁରନ୍ତ ମିଳିବା ଉଚିତ୍। ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ, ଆପଣ ମହାରାଷ୍ଟ୍ର ପୁଲିସ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଏହି ମାମଲାର ଯଥାଶୀଘ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ। ଏହା ସହିତ, ମହାରାଷ୍ଟ୍ର ଏବଂ ଦେଶର ଜନତାଙ୍କ ସାମ୍ନାରେ ସତ୍ୟ ଆଣନ୍ତୁ ଏବଂ ଏହି ଠକେଇରେ ସମ୍ପୃକ୍ତ ଲୋକଙ୍କୁ ଗିରଫ କରନ୍ତୁ। ଆପଣଙ୍କ ନେତୃତ୍ୱରେ, ଇଡି ଭାରତରେ ମନି ଲଣ୍ଡରିଂ ମାମଲାର ତଦନ୍ତ କରିବାରେ ସର୍ବାଗ୍ରେ ରହିଛି ।ଇଡି କମ୍ ପରିମାଣର ଟଙ୍କା ହେରଫେର୍ ମାମଲାର ତଦନ୍ତ ପାଇଁ ଖ୍ୟାତି ହାସଲ କରିଛି। ଅଡିଓ କ୍ଲିପ୍‌ରୁ ଏହା ସ୍ପଷ୍ଟ ଯେ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ତାଙ୍କ ପୁଅ ଶ୍ରୀକାନ୍ତ ସିନ୍ଦେଙ୍କ ସମେତ ବରିଷ୍ଠ ବିଜେପି ସଦସ୍ୟ ଏବଂ ସେମାନଙ୍କର ମୂଳ ଦଳର ଏହି ବଡ଼ ଦୁର୍ନୀତିରେ ସମ୍ପୃକ୍ତି ରହିଛି ବୋଲି ସଞ୍ଜୟ ଅଭିଯୋଗ କରିଛନ୍ତି।

# ମୋଦୀ-ଜୟଶଙ୍କର-ଥରୁରଙ୍କ ସହ ଇରାନ ପ୍ରତିନିଧିଙ୍କ ସାକ୍ଷାତ

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି):ସୋମବାର ଭାରତର କୂଟନୈତିକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଚିତ୍ର ସାମ୍ନାକୁ ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ କଂଗ୍ରେସ ସାଂସଦ ଶଶି ଥରୁର ଇରାନର ସଂସଦୀୟ ପ୍ରତିନିଧିମଣ୍ଡଳକୁ ଭେଟିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ୧୨ତମ ବ୍ରିକ୍ସ ସଂସଦୀୟ ମଞ୍ଚ ଅବସରରେ ଏହି ସାକ୍ଷାତ୍‌କାର ହୋଇଛି । ଭାରତରେ ଥିବା ଇରାନ ଦୂତାବାସ ସୋସିଆଲ ମିଡିଆରେ ଏହି ସାକ୍ଷାତ୍‌କାରର ଫଟୋ ସେୟାର କରିଛି ।ଏହି ସାକ୍ଷାତ୍‌କାରର ବିଶେଷତ୍ୱ ହେଉଛି, ଏଥିରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ପ୍ରତିନିଧିଙ୍କ ସହ ବିରୋଧୀ ଦଳର ବରିଷ୍ଠ ସାଂସଦ ଶଶି ଥରୁର ମଧ୍ୟ ସାମିଲ ହୋଇଥିଲେ । ବର୍ତ୍ତମାନ ପଶ୍ଚିମ ଏସିଆରେ ଉତ୍ତେଜନା ଜାରି ରହିଥିବାବେଳେ ଭାରତ ଓ ଇରାନର ପ୍ରତିନିଧିଙ୍କ ମଧ୍ୟରେ ଏହି ଯୋଗାଯୋଗକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଦେଖାଯାଉଛି । ତେବେ ଏହି ସାକ୍ଷାତ୍‌କାର ସମ୍ପର୍କରେ ଇରାନ ଦୂତାବାସ ପକ୍ଷରୁ କୌଣସି ନୂଆ ଚୁକ୍ତି କିମ୍ବା ବିଶେଷ ଘୋଷଣା ସମ୍ପର୍କରେ ସୂଚନା ଦିଆଯାଇନାହିଁ ।ଭାରତର ଆୟୋଜନରେ ଅକ୍ଟୋବର ୨୬ ଓ ୨୭ ତାରିଖରେ ନୂଆଦିଲ୍ଲୀସ୍ଥିତ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ୧୨ତମ ବ୍ରିକ୍ସ ସଂସଦୀୟ ମଞ୍ଚ ଅନୁଷ୍ଠିତ ହେଉଛି । ଏହି ମଞ୍ଚର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଉଥିବା ସଂସଦୀୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା । ଏହି ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ସଂସଦୀୟ ପ୍ରତିନିଧିମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି । ସଂସଦର କାର୍ଯ୍ୟପ୍ରଣାଳୀକୁ ମଜଭୁତ କରିବା, କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଏବଂ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟବହାର, ବିଶ୍ୱ ଶାସନ ବ୍ୟବସ୍ଥାରେ ସଂସ୍କାର, ସ୍ଥାୟୀ ବିକାଶ ଏବଂ ବିଭିନ୍ନ ଦେଶର ସଂସଦ ମଧ୍ୟରେ ସହଯୋଗ ବୃଦ୍ଧି ଭଳି ବିଷୟ ଏହି ମଞ୍ଚର ମୁଖ୍ୟ ଆଲୋଚନାର ଅଂଶ ରହିଛି ।ଅନ୍ୟପଟେ, ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକେର ଗାଲିବାଫ ମଧ୍ୟ ଏହି ବୈଠକରେ ଯୋଗଦେବାର ଥିଲା। କିନ୍ତୁ କିଛି ଅପ୍ରତ୍ୟାଶିତ ପରିସ୍ଥିତି ଯୋଗୁଁ ତାଙ୍କର ଭାରତ ଗସ୍ତ ବାତିଲ ହୋଇଥିଲା । ତଥାପି ଇରାନ ପକ୍ଷରୁ ଏକ ସଂସଦୀୟ ପ୍ରତିନିଧିମଣ୍ଡଳ ଭାରତ ଆସିଛି । ଏହି ପ୍ରତିନିଧିମଣ୍ଡଳରେ ଅହମ୍ମଦ ନାଦେରୀ, ଆବାସ ମୋକତଦାଇ ଏବଂ ଅଲି ହାଦ୍ଦାଦୀ ସାମିଲ ଅଛନ୍ତି । ସେହିପରି ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ସୋମବାର ଇରାନର ସଂସଦୀୟ ପ୍ରତିନିଧିମଣ୍ଡଳକୁ ଭେଟିଛନ୍ତି । ବ୍ରିକ୍ସ ସଂସଦୀୟ ମଞ୍ଚର ଉଦ୍‌ଘାଟନୀ ଅଧିବେଶନରେ ସେ ବିଭିନ୍ନ ଦେଶ ମଧ୍ୟରେ ନିରନ୍ତର ଆଲୋଚନା, ପାରସ୍ପରିକ ସମ୍ମାନ ଓ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଂସଦୀୟ ସ୍ତରରେ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା ଏବଂ ସାଧାରଣ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକରେ ମିଳିତ ଭାବେ କାମ କରିବାର ସମ୍ଭାବନା ଖୋଜିବା ।



# ହୋଟେଲ୍ ଭିତରୁ ଯୁବକଙ୍କ ରହସ୍ୟଜନକ ମୃତଦେହ ଜବତ

## ପୁଲିସ ମାଡ଼ରେ ମୃତ୍ୟୁ ଅଭିଯୋଗ ଆଣି ଥାନା ଘେରାଉ କଲେ ସ୍ଥାନୀୟ ଲୋକେ



**ମାଲକାନଗିରି,୨୬/୧୦ (ନି.ପ୍ର) :** ମାଲକାନଗିରି ଜିଲ୍ଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଗଞ୍ଜେଇ ଚାଲାଣ ସନ୍ଦେହରେ ହୋଟେଲରେ ଅଟକ ଥିବା ଜଣେ ଯୁବକଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଥାନା ରେ ଉତ୍ତ ?ଜନା ଦେଖାଦେଇଥିବାବେଳେ ତୀବ୍ର ପ୍ରତିବାଦ କରି ମାଲକାନଗିରି ଥାନାକୁ ଘେରାଉ କରିଛନ୍ତି ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାର ବର୍ଗ ଲୋକ । ଘଟଣାରୁ ପ୍ରକାଶ ସୂଚନା ମୁତାବକ, ଗତକାଲି ସନ୍ଧ୍ୟାରେ ମାଲକାନଗିରିର ଏକ ହୋଟେଲ୍ ?ରେ କିଛି ଯୁବକଙ୍କୁ ପୁଲିସ ଅଟକ ରଖିଥିଲା । ଆଜି ସେହି ହୋଟେଲ୍ ଭିତରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି । ମୃତ ଯୁବକ ଜଣକ କାଲିମେଲା ବ୍ଲକ୍ ଏମ୍.ଭି ୬୫ ଅଞ୍ଚଳର ବାପନ ଦାସ ବୋଲି ଜଣାପଡ଼ିଛି । ମୃତକଙ୍କ ପରିବାରବର୍ଗ ଏବଂ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ପୁଲିସର ଅତ୍ୟଧିକ ମାଡ଼ (ପିଟିପିଟି ମାରିବା) କାରଣରୁ ଯୁବକଙ୍କର ଜୀବନ ଚାଲିଯାଇଛି । ଏମ୍.ଭି. ୬୫ ଅଞ୍ଚଳର ଏକ ଡିଜେ ପ୍ରୋଗ୍ରାମରୁ ଯୁବକଙ୍କୁ ପୁଲିସ ଉଠାଇ ଆଣି ହୋଟେଲରେ ରଖିଥିବା କୁହାଯାଉଛି । ପୁଲିସ ନିର୍ଯାତନା ଯୋଗୁଁ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଦୃଢ଼ ଅଭିଯୋଗ କରାଯିବା ସହ ଥାନା ସମ୍ମୁଖରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି । ଘଟଣାସ୍ଥଳରେ ଉତ୍ତେଜନା ଜାରି ରହିଥିବାବେଳେ ପୁଲିସ ପକ୍ଷରୁ ପୂଙ୍ଖାନୁପୂଙ୍ଖ ତଦନ୍ତ ଓ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ଉଦ୍ୟମ ଜାରି ରହିଛି ।

# ବଲଙ୍ଗା - ନିମାପଡା ପୂର୍ତ୍ତ ରାସ୍ତା ମହାଦୁର୍ନୀତି

## ଅଭିଯୋଗ ପରେ ବି ହେଉନି ତଦନ୍ତ !

**ବଲଙ୍ଗା, ୨୬।୧୦ (ନି.ପ୍ର):** ବଲଙ୍ଗା ଠାରୁ ନିମାପଡା ରାସ୍ତା ୪୪ କୋଟି ଟଙ୍କା ଅଟକଳ ମୂଲ୍ୟରେ ଆରଏସ୍ଏସ୍ କାର୍ଯ୍ୟ କରୁଥିବା ବେଳେ ଏହା ମହା ଦୁର୍ନୀତିରେ ଉବୁଟୁବୁ ହେଉଛି । ଯାହାକି ଅଧିକାରୀ କାର୍ଯ୍ୟ ନିକଟରେ ଉପସ୍ଥିତ ନ ରହି କାର୍ଯ୍ୟାଳୟର ଗାଡ଼ି ଚାଳକ ଓ ପିଅନଙ୍କୁ କାର୍ଯ୍ୟ ସ୍ଥଳରେ ଜଗିବାକୁ କହୁଥିବା ବେଳେ କଳା ସିମେଣ୍ଟ ଦ୍ୱାରା ଠିକା ସଂସ୍ଥା ଏହି କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇ ନେବା ପାଇଁ ଉଦ୍ୟମ ଚଳାଇଛି । ବିଭାଗର ବଡ଼ ପଣ୍ଡା ଶୀତତାପ ନିୟନ୍ତ୍ରଣ କକ୍ଷରେ ବସି ରହିଥିବା ବେଳେ ଏପଟେ ମହା ଘୋଟାଲା ହେଉଛି । ରାସ୍ତା କାର୍ଯ୍ୟ ନିମ୍ନ ମାନର କରି ଠିକା ସଂସ୍ଥା ଅର୍ଥ ଚଳୁ କରିବାର ମସୁଧା ଚଳାଇ ଥିବା ବେଳେ କ'ଣ ପାଇଁ ବଡ଼ ପଣ୍ଡା କ୍ଷେତ୍ର ପରିଦର୍ଶନ କରୁ ନାହାନ୍ତି ତାହା ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ପୁରୀ ଜିଲ୍ଲା ନିମାପଡ଼ା ଠାରୁ ବଲଙ୍ଗା ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ କାର୍ଯ୍ୟ କରାଯାଉଛି ।ପୂର୍ତ୍ତ ବିଭାଗ ଏହି କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ ଆରଏସ୍ଏସ ଠିକା ସଂସ୍ଥାକୁ ଦେଇଅଛି । ମାତ୍ର ଅନେକ ସ୍ଥାନରେ ପ୍ରଚୁର ବାଲି ଦିଆଯାଇ ଉପରେ ସୀମିତ ଢ଼ଳେଇ ପଡ଼ିବା ଦ୍ୱାରା ଏହି ରାସ୍ତାରେ ଭାରିଯାନ ଯାତାୟତ ସମୟରେ ରାସ୍ତା ଖୁବ୍ କମ୍ ଦିନରେ ନଷ୍ଟ ହେବାର ଆଶଙ୍କା ରହିଛି । ବେନାମୀ ସିମେଣ୍ଟ ଦ୍ୱାରା ଠିକା ସଂସ୍ଥା କାର୍ଯ୍ୟକରୁଥିବା ବେଳେ କଳା ସିମେଣ୍ଟ ମାନ ସଠିକ୍ ନଥିବା ବାରି ହୋଇପଡୁଛି । ଏହି କାର୍ଯ୍ୟ ନିମ୍ନ ମାନର ହେବାରୁ ଉକ୍ତ ରାସ୍ତା ରେ ନିର୍ମାଣ ହୋଇଥିବା ବ୍ରିଜ ଭୁଶୁଡି ପଡି ଥିଲା. ଭୁଶୁଡି ପଡିବା ଓଡିଶା ଚହଳ ସୃଷ୍ଟି କରି ଥିବା ବେଳେ ଏହାର ତଦନ୍ତ କେଉଁ ପଣ୍ଡାଙ୍କ ଇଙ୍ଗିତରେ ସୀମିତ ହୋଇଛି ତାହା ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଜଣା ପଡିବ ବୋଲି ବଲଙ୍ଗା ଅଞ୍ଚଳ ବାସି ଦାବିକରିଛନ୍ତି ।

# ୩ ସନ୍ତାନଙ୍କୁ ଧରି ପ୍ରଶାସନ ଦ୍ୱାରସ୍ଥ ହେଲେ ଅସହାୟ ବିଧବା ମହିଳା

**ରାୟଗଡ଼ା, ୨୬।୧୦ (ନି.ପ୍ର):** ରାୟଗଡ଼ା ଦୁଃଖ ଉପରେ ଦୁଃଖ: ସିକଲ୍ ସେଲ୍ ଆକ୍ରାନ୍ତ ୩ ସନ୍ତାନଙ୍କୁ ଧରି ପ୍ରଶାସନ ଦ୍ୱାରସ୍ଥ ହେଲେ ଅସହାୟ ବିଧବା ମହିଳା । ଜିଲ୍ଲାପାଳଙ୍କ -ଭାଗ୍ୟ ଆଗରେ ହାର ମାନି ନାହାନ୍ତି ସତ, କିନ୍ତୁ ପ୍ରଶାସନିକ ବ୍ୟବସ୍ଥା ଆଗରେ ନିରାଶ ହୋଇପଡ଼ିଛନ୍ତି ଜଣେ ଅସହାୟ ମା' । ଗୋଟିଏ ପଟେ ସ୍ୱାମୀ ଛେଉଣ୍ଡ ପରିବାର, ଅନ୍ୟପଟେ ତିନି ତିନୋଟି ସନ୍ତାନ ସିକଲିନ୍ (୪ସମଲକ୍ଷର ଉରକ୍ଷକ୍ଷ) ରୋଗରେ ଆକ୍ରାନ୍ତ । ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ମାଲିସିରିପୁର ଗାଁରେ । ମୃତ ବାବୁଲା ଭତ୍ରାଙ୍କ ସ୍ତ୍ରୀ ନଳୀନ୍ଦ୍ରି ଭତ୍ରା । ୩ ବର୍ଷ ତଳେ ସ୍ୱାମୀଙ୍କୁ ହରାଇବା ପରେ ଏବେ ତାଙ୍କ ତିନି ପିଲା ରକ୍ତହୀନତା ଓ ସିକଲିନ୍ ରୋଗରେ ଛଟପଟ ହେଉଛନ୍ତି । ବଡ଼ ପୁଅ ପକ୍ଷାଘାତ (ପାରାଲିସିସ୍) ରୋଗରେ



ମଧ୍ୟ ପୀଡ଼ିତ । ଚଳିବାକୁ ତେଲଲୁଣର ସଂସାର ଯେତିକି କଷ୍ଟକର, ପିଲାଙ୍କ ଔଷଧ ଓ ରକ୍ତ ଯୋଗାଡ଼ କରିବା ତା'ଠାରୁ ଅଧିକ ଦୁର୍ବିସହ ହୋଇପଡ଼ିଛି । ସରକାରୀ ଯୋଜନା ଓ ଭତ୍ତା ପାଇଁ ବ୍ଲକ୍ ?ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଶିଡ଼ି ଶିଡ଼ି କେବଳ ପ୍ରତିଶ୍ରୁତି ହିଁ ମିଳିଥିଲା ।

ଶେଷରେ ଆଜି ପୁନର୍ବାର ସେ ଜିଲ୍ଲାପାଳଙ୍କ ନିକଟରେ କାନ୍ଦି କାନ୍ଦି ନିଜ ଦୁଃଖ ଜଣାଇଥିଲେ । ଏହା ଜାଣିବା ପରେ ରାୟଗଡ଼ା ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକାର୍ଣ୍ଣି ତୁରନ୍ତ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଏବଂ ସମସ୍ତ ୪ ଜଣଙ୍କୁ ତୁରନ୍ତ ଭତ୍ତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବଙ୍କିଲା ଗ୍ରାମରେ ଧୁମ୍‌ଧାମରେ ପାଳିତ ହେଲା କୁମାର ଉତ୍ସବ

**ଡେଲାଙ୍ଗ,୨୬।୧୦ (ନି.ପ୍ର):** ଡେଲାଙ୍ଗ ବ୍ଲକ ଅରିସଲ ପଂଚାୟତ ଅନ୍ତର୍ଗତ ବଙ୍କିଲୋ ଗ୍ରାମରେ ପ୍ରଥମ କରି ପବିତ୍ର କୁମାର ଉତ୍ସବ ପାଳନ ହୋଇଯାଇଛି । କୁମାରୀ ଯୁବତୀମାନଙ୍କ ନିଷ୍ପାପର ଉଦ୍ୟମରେ ଆୟୋଜିତ ଏହି ନିଆରା ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ପାରମ୍ପରିକ କଣ୍ଢେଇ ବାହାଘର ।ଉତ୍ସବ ଉପଲକ୍ଷେ ସମଗ୍ର ଗ୍ରାମକୁ ରଙ୍ଗ ବେରଙ୍ଗ , ଆଲୋକ ସାଜସଜ୍ଜାରେ ସୁସଜ୍ଜିତ କରାଯାଇଥିଲା । ବିବାହ ମଣ୍ଡପ ବେଦିକୁ ମନୋରମ ଭାବରେ ସଜାଯାଇଥିଲା । ଗ୍ରାମବାସୀଙ୍କ ସହଯୋଗ ଓ ଉତ୍ସାହ ଯୋଗୁଁ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା ।ଏହି ଅବସରରେ ସ୍ୱପ୍ନାରାଣୀ ମହାରଣା (ଦିପ)ଓ ଅନନ୍ୟା ନିତ୍ୟ ଦର୍ଶନ । ବିଶ୍ୱାଳ(ତୁଳୁଲୀ) ଙ୍କୁ ବରକନ୍ୟା କରି ପାରମ୍ପରିକ କଣ୍ଢେଇ ବାହାଘରର ଆୟୋଜନ କରାଯାଇଥିଲା । ସଙ୍ଗୀତ ସହ ପାରମ୍ପରିକ ବାଦ୍ୟର ତାଳେ ତାଳେ ବର ଓ କନ୍ୟାଙ୍କୁ ଗ୍ରାମର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା । ଏହି ଉତ୍ସବ କୁ ଗ୍ରାମ ର ଯୁବକ ଓ ଯୁବତୀମାନେ ଭରପୂର ଆନନ୍ଦ ଉପଭୋଗ କରିଥିଲେ ।ଏହି ବିବାହର ସବୁଠାରୁ ନିଆରା ଦିଗ ଥିଲା ଯେ, ବିବାହର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ



ପ୍ରାୟ ସମସ୍ତ ପାରମ୍ପରିକ ଭୂମିକା ଗ୍ରାମର କୁମାରୀ ଯୁବତୀମାନେ ନିର୍ବାହ କରିଥିଲେ । ମଧ୍ୟସ୍ଥି, ବର ଓ କନ୍ୟାଙ୍କ ପିତାମାତା, ବ୍ରାହ୍ମଣ, ନଣନ୍ଦ, ଶାଳୀ ଓ ଅନ୍ୟାନ୍ୟ ସମ୍ପର୍କୀୟଙ୍କ ଭୂମିକା ମଧ୍ୟ କୁମାରୀମାନେ ତୁଲାଇଥିଲେ । ବିବାହରେ ପୁରୋହିତଙ୍କ ଭୂମିକା ନିର୍ବାହ କରିଥିଲେ ହାସ୍ୟ ଅଭିନେତା ଶ୍ରୀମାନ୍ ଗବା । ମଙ୍ଗଳକୃତ୍ୟ, ହଳଦୀ, ବିବାହ ବିଧି ଓ ରୋଷଣୀ ଭଳି ପାରମ୍ପରିକ ରୀତିନୀତିକୁ ନିଆରା ଢଙ୍ଗରେ ପାଳନ କରାଯାଇଥିଲା । ବଙ୍କିଲା ଗ୍ରାମର କୁମାରୀ ଯୁବତୀମାନଙ୍କ ଏହି ପ୍ରଥମ ପ୍ରୟାସଟି ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବା ବେଳେ ଏହା ଗାଁ ର ସୁନ୍ଦର ସ୍ମୃତି ହୋଇ ରହିବା ସହ ଆଗାମୀ ବର୍ଷ ମାନଙ୍କରେ ଏହା ଠାରୁ ସରସ ସୁନ୍ଦର ଭାବେ କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ ।

# ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀରେ ସତର୍କତା ସଚେତନତା ସପ୍ତାହ ଶୁଭାରମ୍ଭ

**ପାରାଦ୍ୱୀପ, ୨୬।୧୦ (ନି.ପ୍ର):** ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ ୨୬ ଅକ୍ଟୋବର ୨୦୨୬ ତାରିଖ ରେ , ସତର୍କତା ସଚେତନତା ସପ୍ତାହ (ଭିଏବବ୍ଲୁ ) ୨୦୨୬ ର ଉଦ୍ଘାଟନ କରିଥିଲେ । ଶ୍ରୀ ବସୁଙ୍କ ଦ୍ୱାରା ପିଡିଆରିଆନ୍ସ ଏବଂ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ ) ଯବାନମାନଙ୍କୁ 'ନାଗରିକଙ୍କ ପାଇଁ ସତ୍ୟନିଷ୍ଠା ଶପଥ' ପାଠ କରାଇଥିଲେ । ଏହି ଅବସରରେ, ମୁଖ୍ୟ ମହାପ୍ରବନ୍ଧକଗଣ, ମହାପ୍ରବନ୍ଧକ (ଭିଜିଲାନ୍ସ), ସିଆଇଏସଏଫ ଯବାନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।




ସତର୍କତା ସଚେତନତା ସପ୍ତାହ ର ଉଦେଶ୍ୟ "ସତ୍ୟନିଷ୍ଠା ରୁ ସମୃଦ୍ଧି" ବିଷୟବସ୍ତୁ ସହ ସମନ୍ୱୟ ରକ୍ଷା କରି, ତିନି ମାସ ଧରି ପାଳନ କରାଯାଇଥିବା ସତର୍କତା ପୂର୍ବପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମର ଅଂଶ ଭାବେ ପାରାଦୀପ ରିଫାଇନରୀରେ ଆୟୋଜିତ ବିଭିନ୍ନ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ପ୍ରଶଂସା କରିଥିଲେ । ଶ୍ରୀ ବସୁ ଗୁରୁତ୍ୱାରୋପ କରି କହିଥିଲେ ଯେ, ପରିଚାଳନା, ରକ୍ଷଣାବେକ୍ଷଣ, ଭେଣ୍ଡର୍ ପେମେଣ୍ଟ ଏବଂ ଟେଣ୍ଡର୍ ମୂଲ୍ୟାଙ୍କନ ଭଳି କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀ ସର୍ବୋଚ୍ଚ ସଚ୍ଚୋଟତା ଓ ନୈତିକତାର ମାନଦଣ୍ଡ ପାଳନ କରିବା ଆବଶ୍ୟକ । ଏଥିସହ ସେ ଏକ ନୈତିକତାଭିତ୍ତିକ କାର୍ଯ୍ୟସଂସ୍କୃତିର ପ୍ରସାର ପାଇଁ ଚାଲିଥିବା ଏହି ଅଭିଯାନରେ ସମସ୍ତଙ୍କୁ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ, ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ 'ସତର୍କତା ରଥ' ର ଶୁଭାରମ୍ଭ କରିଥିଲେ । ଏହି ରଥ ସପ୍ତାହ ଧରି ନିକଟବର୍ତ୍ତୀ ଗ୍ରାମ ପଞ୍ଚାୟତଗୁଡ଼ିକରେ ପୋଷ୍ଟର୍, ବ୍ୟାନର୍, ସଚେତନତାମୂଳକ ଜିଙ୍ଗଲ୍ସ ଏବଂ ସତ୍ୟନିଷ୍ଠା ଶପଥ ମାଧ୍ୟମରେ ସଚେତନତା ସୃଷ୍ଟି କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

# ଧାନ ଫସଲରେ ପତ୍ର ପୋଡ଼ା ରୋଗ ଘଟଣା

## କ୍ଷେତ୍ର ପରିଦର୍ଶନ କଲେ କୃଷି ଅଧିକାରୀ



**ବଲଙ୍ଗା, ୨୬।୧୦ (ନି.ପ୍ର):** ବଲଙ୍ଗା ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଗହୀର ମାନଙ୍କରେ ଧାନ ଫସଲରେ ପତ୍ର ପୋଡ଼ା ରୋଗ ବ୍ୟାପିବା ନେଇ ଖବର ପ୍ରକାଶିତ ହେବା ପରେ ସୋମବାର ପୂର୍ବାହ୍ନରେ ନିମାପଡା କୃଷି ବିଭାଗର ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଛନ୍ତି । ନିମାପଡା ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟିଙ୍କ ନେତୃତ୍ୱରେ ସହକାରୀ ଅଧିକାରୀ ଶ୍ରୀକାନ୍ତ ବଢେଇ, ପୀୟୂଷ ବଲ୍ଲଭ ପରିଡା ପ୍ରମୁଖ ଆଜି ନରୁଡା ଗ୍ରାମକୁ ଆସି ଗହିର ବିଲକୁ ଯାଇ ଧାନ ଫସଲକୁ ଦେଖି ରୋଗପୋକ ସ୍ଥିତି ଅନୁଧ୍ୟାନ କରିଥିଲେ । ଅନୁଧ୍ୟାନ ସମୟରେ ଫସଲରେ ୩ପ୍ରକାର ରୋଗ ଲାଗିଥିବା ନେଇ ଜାଣିବାକୁ ପାଇଥିଲେ । ପରେ ରୋଗର ପ୍ରତିକାର ପାଇଁ ଔଷଧ ସମ୍ପର୍କରେ ଚାଷୀ ମାନଙ୍କ ସହିତ ଆଲେଚନା କରିବା ସହ ଆକ୍ରାନ୍ତ ହୋଇଥିବା କିଛି ଧାନ ଗଛକୁ ସଂଗ୍ରହ କରି ଅଧିକ ପରୀକ୍ଷା ପାଇଁ ନେଇଥିଲେ ।

# ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶପଥପାଠ ଗ୍ରହଣ

**କଟକ, ୨୬।୧୦ (ନି.ପ୍ର):** ଦୁର୍ନୀତି ନିବାରଣ ସପ୍ତାହ -୨୦୨୬ ପାଳନ ଅବସରରେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସାଧୁତାର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ଶପଥପାଠ କରାଇଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି



ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ । ଶପଥପତ୍ରରେ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ ବୋଲି ଉଲ୍ଲେଖ ରହିଛି । ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତାର ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗଠିତ ସଂଗ୍ରାମକୁ ସମର୍ଥନ କରିବା ଆବଶ୍ୟକ । ଏଥିସହ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ଓ ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ । ଅକ୍ଟୋବର ୨୬ ତାରିଖଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯିବା ନିମନ୍ତେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ସ୍ଥିରୀକୃତ କରି ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଅଗବତ କରାଇଛନ୍ତି । ତଦନୁଯାୟୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହେବା ସହ ଚଳିତବର୍ଷର ବିଷୟବସ୍ତୁ "ସାଧୁତାରୁ ସମୃଦ୍ଧି "କୁ ଆଧାରକରି କ ଟ କ ରେ ତା୩୧.୧୦.୨୦୨୬ରିଖ ପୂର୍ବାହ୍ନ ୧୧ଘଟିକାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଆୟୋଜନ କରାଯିବ ।

# ଅଧ ପନ୍ତରିଆ ରାସ୍ତା ଓ ଡିଭାଇଡର ପାଇଁ ବଢୁଛି ଦୁର୍ଘଟଣା

## ଡ଼ିଭାଇଡର ଉପରେ ଚଢିଗଲା କାର

**ବଲଙ୍ଗା, ୨୬।୧୦ (ନି.ପ୍ର):** ବଲଙ୍ଗା ଥାନା ଅନ୍ତର୍ଗତ ପିପିଲି – ନିମାପଡା ପୂର୍ତ୍ତ ସଡକର ହରିପୁର ଠାରୁ ଭାଣପୁର ପର୍ଯ୍ୟନ୍ତ ରାସ୍ତା ଓ ଡ଼ିଭାଇଡର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଛି । ଯାହା ଫଳରେ ପ୍ରାୟ ପ୍ରତ୍ୟେକ ଦିନ ଛୋଟ ମୋଟ ଦୁର୍ଘଟଣା ଘଟିବା ନିତିଦିନିଆ ଘଟଣାରେ ପରିଣତି ହେଇଗଲାଣି । ସୂଚନା ମୁତାବକ ଏହି ରାସ୍ତା ପିପିଲି ପୂର୍ତ୍ତ ବିଭାଗ ଅଧିନରେ ଯାଉଥିଲା ବେଳେ ଏହି ରାସ୍ତାର ସଂପ୍ରସାରଣ କାର୍ଯ୍ୟ କରାଯାଇଛି । ତେବେ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ପଡିନଥିବା କାରଣରୁ ରାସ୍ତା ସଂକୀର୍ଣ୍ଣ ହେବା କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ବିଶେଷ କରି ହରିପୁର ବଜାର ଓ ପେଟ୍ରୋଲ ପମ୍ପ ମଧରେ ଥିବା ବୁଲାଣି ସ୍ଥାନରେ କରାଯାଇଥିବା ଡ଼ିଭାଇଡରଟି ଅଧା ପନ୍ତରିଆ ସହ ରାସ୍ତାର ଗୋଟିଏ ପାର୍ଶ୍ୱ ମଧ୍ୟ ସମ୍ପୂର୍ଣ ପିଚୁ ହୋଇନାହିଁ । ରାତିରେ ଏଠାରେ ଆଲୋକ ବ୍ୟବସ୍ଥା ନଥିବାରୁ ଅନେକ ବାଇକ ଆରୋହୀ ଓ ଚାରି ଚକିଆ ଯାନ ଗୁଡ଼ିକ ଡ଼ିଭାଇଡରରେ ପିଟି ହୋଇ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏହି ସ୍ଥାନରେ ଗତ ୧ମାସ ମଧରେ ୧୫ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟି ସାରିଲେଣି । ଗତକାଲି ରାତିରେ ନିମାପଡା ଅଭିମୂଖେ ଯାଉଥିବା ଏକ କାର ଡିଭାଇଡରକୁ ନଜାଣି ପାରି ତା ଉପରେ ଚଢ଼ି ଯାଇଥିଲା । ଦୀର୍ଘ ସମୟ ଫସି ରହିଲା ପରେ ସ୍ଥାନୀୟ ଯୁବକ ମାନେ ଆସି ବାହାର କରିଥିଲେ । ତେବେ ଅସମ୍ପୂର୍ଣ୍ଣ କାର୍ଯ୍ୟ ଥିବା ଜାଗା ଗୁଡ଼ିକ ବ୍ୟକ୍ତିଗତ ମାଲିକାନାରେ ଥିବା ନେଇ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବା ନେଇ ବିଭାଗୀୟ ସୂତ୍ରରୁ ଜଣାପଡିଛି । ଏହାର ସମାଧାନ ପାଇଁ ଏ ସମ୍ପର୍କରେ ହରିପୁର ଗ୍ରାମର ଲିଙ୍ଗରାଜ ବାରିକ, ତ୍ରିଲୋଚନ ବେହେରା, ତପନ ପରିଡ଼ା , ଦିପ୍ତି ରଞ୍ଜନ ରଥ ପ୍ରମୁଖ ନିମାପଡା ତହସିଲ ଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ବାତ୍ୟା ଭୟରେ ଅଧାପାଚିଲା ଧାନ କାଟୁଛନ୍ତି ଚାଷୀ

## ପ୍ରବଳ ବର୍ଷା ଆଶଙ୍କାରେ ଚିନ୍ତାରେ ଚାଷୀ, ଫସଲ ବଞ୍ଚାଇବାକୁ ତତ୍ପରତା

**ମାଲକାନଗିରି,୨୬/୧୦ (ନି.ପ୍ର):** ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ଆଶଙ୍କା ମାଲକାନଗିରି ଜିଲ୍ଲାର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । କ୍ଷେତରେ ପାଚିବାକୁ ଥିବା ଧାନ ଫସଲ ବର୍ଷା ଓ ପବନରେ ନଷ୍ଟ ହୋଇଯିବା ଭୟରେ ଚାଷୀମାନେ ବାଧ୍ୟ ହୋଇ ଅଧାପାଚିଲା ଧାନ କାଟିବା ଆରମ୍ଭ କରିଛନ୍ତି । ଫଳରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଧାନ ଅମଳକୁ ନେଇ ଚାଷୀଙ୍କ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି । ଚଳିତ ଖରିଫ ଋତୁରେ ଚାଷୀମାନେ ଧାନ ଚାଷ ପାଇଁ ବହୁ ପରିଶ୍ରମ କରିଥିବା ବେଳେ ଫସଲ ଅମଳ ସମୟରେ ସମ୍ଭାବ୍ୟ ବାତ୍ୟା ଆଶଙ୍କା ସେମାନଙ୍କ ଚିନ୍ତା ବଢ଼ାଇଛି । ଧାନ ସମ୍ପୂର୍ଣ୍ଣ ପାଚିବା ପୂର୍ବରୁ ଜମିରେ ଅଧିକ ବର୍ଷା ହେଲେ ଫସଲ ନଷ୍ଟ ହେବା ସହ ଅମଳ ହ୍ରାସ ପାଇବା



ଆଶଙ୍କା ରହିଛି । ଏପରି ସ୍ଥିତିରେ ଯାହା କିଛି ଫସଲ ବଞ୍ଚାଇ ହେବ, ତାହାକୁ ଘରକୁ ଆଣିବା ପାଇଁ ଚାଷୀମାନେ ଉଦ୍ୟମ ଚଳାଇଛନ୍ତି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଷୀମାନେ କେଉଁଠି ହାତରେ ଧାନ କାଟୁଥିବା ବେଳେ ଆଉ କେଉଁଠି ହାର୍ଭ ?ଷ୍ଟର ମେସିନ୍ ସହାୟତାରେ ଫସଲ ଅମଳ କରୁଛନ୍ତି । ତେବେ ଅଧାପାଚିଲା ଧାନ କାଟିବା ଯୋଗୁଁ ଧାନର ଗୁଣବତ୍ତା ଓ ଉତ୍ପାଦନ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ମଧ୍ୟ ରହିଛି । ଅନ୍ୟପକ୍ଷରେ, ବର୍ଷା ପୂର୍ବରୁ ସମସ୍ତ ଧାନ କାଟି ଘରକୁ ଆଣିବା ସମ୍ଭବ ହେଉନଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି । ଧାନ ଚାଷ ଅନେକ ଚାଷୀଙ୍କ ପରିବାରର ଜୀବିକାର ମୁଖ୍ୟ ଆଧାର ହୋଇଥିବାରୁ ଫସଲ ନଷ୍ଟ ହେଲେ ସେମାନଙ୍କ ଆର୍ଥିକ ସ୍ଥିତି ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ରହିଛି ।

# ଦୁଇ ଦିନିଆ ୧୬ ତମ କୁମାର ଉତ୍ସବ ଉଦ୍‌ଘାଟିତ




**ବଲଙ୍ଗା,୨୬/୧୦ (ନି.ପ୍ର):** ବଲଙ୍ଗା ନିକଟସ୍ଥ ଅଲାରପୁର ଗ୍ରାମ ମେଳଣ ପଡ଼ିଆରେ ଗ୍ରାମର ହରଦୁର୍ଗା ୟୁଥ କ୍ଲବ ପକ୍ଷରୁ ୨ଦିନିଆ ୧୬ ତମ କୁମାର ଉତ୍ସବ ୨୦୨୬ରବିବାର ରାତିରେ ଅନୁଷ୍ଠାନିକ ଭାବରେ ଉଦଘାଟିତ ହୋଇଯାଇଛି । ୟୁଥ୍ କ୍ଲବର ସଭାପତି ଅଶ୍ୱିନି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭଟଲି ବିଧାୟକ ଇରା ଆଚାର୍ଯ୍ୟ ମୁଖ୍ୟ ଅତିଥି, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ , ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ,ବ୍ରହ୍ମଗିରି ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସବର ଲକ୍ଷ ଓ ଉଦ୍ଦେଶ ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପଡ଼ିଆରେ ପଡ଼ିଥିବା ଜିଲ୍ଲାସ୍ତରୀୟ ହସ୍ତତନ୍ତ ମେଳାକୁ ଅତିଥି ମାନଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା ବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଅର୍ଜ୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥି ମାନଙ୍କ ଦ୍ୱାରା ସଂମ୍ମାନିତ କରାଯାଇ ଥିଲା । ପରେ ପୁରୀ ଫେଟଫାଇଟର ମାଲଖମ୍ଭ ପୁରୀ ଲାସ୍ୟ ଡ୍ୟାନ୍ସ ଏକାଡେମୀ କଟକର କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ କରିଥିଲେ । ଶେଷରେ ମୁମ୍ବାଇର ଆଣ୍ଟିଗ୍ରାଭିଟ କ୍ରୁ ମେଲୋଡିର କଳାକାର ମାନଙ୍କ ଦ୍ୱାରା ପରିବେଷଣ ସଙ୍ଗୀତ ଦର୍ଶକ ମାନଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।

# ବରସୁଆଁ ଲୌହଖଣି ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ




**କୋଇଡା,୨୬/୧୦(ନି.ପ୍ର):** ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ନିର୍ଦ୍ଦେଶକ୍ରମେ ପରିଚାଳିତ ଭିଜିଲାନ୍ସ ସଚେତନତା ସପ୍ତାହର ଶୁଭାରମ୍ଭ ସେଲ୍ ?ର ବରସୁଆଁ ଲୌହଖଣି, ଆର୍ଏସ୍ପି ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ପକ୍ଷରୁ ଟେନସାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସତ୍ୟନିଷ୍ଠା, ସଚ୍ଚୋଟତା ଓ ଦୁର୍ନୀତିମୁକ୍ତ କାର୍ଯ୍ୟସଂସ୍କୃତି ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଭିଜିଲାନ୍ସ ବିଭାଗର ଏଜିଏମ୍ ଶ୍ରୀ ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୌହଖଣିର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ହିମାଂଶୁ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହାପରେ ଭିଜିଲାନ୍ସ ସଚେତନତା ସପ୍ତାହର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା । ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ହିମାଂଶୁ ମିଶ୍ର, କାର୍ମିକ ଓ ପ୍ରଶାସନିକ ବିଭାଗର ମହାପ୍ରବନ୍ଧକ ଶ୍ରୀ ମୁକେଶ କରନ ଏବଂ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠା ଓ ସଚ୍ଚୋଟତାର ଶପଥ ପାଠ କରାଇଥିଲେ । ଉପସ୍ଥିତ ଅତିଥିମାନେ ସତ୍ୟନିଷ୍ଠା ଓ ସମୃଦ୍ଧି ମଧ୍ୟରେ ଥିବା ସମ୍ପର୍କ ଉପରେ ଆଲୋକପାତ କରିବା ସହ କାର୍ଯ୍ୟକ୍ଷେତ୍ରରେ ନୈତିକତା ଓ ସ୍ୱଚ୍ଛତା ବଜାୟ ରଖିବାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଭାରତର ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରୀୟ ଭିଜିଲାନ୍ସ କମିଶନରଙ୍କ ପକ୍ଷରୁ ପ୍ରଦତ୍ତ ସନ୍ଦେଶ ପାଠ କରାଯାଇଥିଲା । ଯଥାକ୍ରମେ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ହିମାଂଶୁ ମିଶ୍ର, ମହାପ୍ରବନ୍ଧକ ଶ୍ରୀ ରାଜେଶ କୁମାର ଏବଂ ମହାପ୍ରବନ୍ଧକ ଶ୍ରୀ ପରିମଳ ବଂଶଲ ଏହି ସନ୍ଦେଶଗୁଡ଼ିକୁ ପାଠ କରିଥିଲେ । ଏଥିରେ ବରସୁଆଁ ଲୌହଖଣିର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସହ ସିଆଇଏସ୍ ?ଏଫ୍ ?ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶ୍ରୀ ସନ୍ତୋଷ କୁମାର ଆର୍ ଏବଂ ଅନ୍ୟ ସିଆଇଏସ୍ଏଫ୍ କର୍ମଚାରୀମାନେ ଯୋଗଦେଇଥିଲେ । ଶେଷରେ ଭିଜିଲାନ୍ସ ବିଭାଗର ଏଜିଏମ୍ ଶ୍ରୀ ନାରାୟଣ ପଣ୍ଡା ଉପସ୍ଥିତ ସମସ୍ତ ଅତିଥି, ଅଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

